
୨୩ - ୨୯ ନଭେମ୍ବର, ୨୦୨୫


ସକାଳ
THE SAKALA

# ରବିବାର ସିନ୍ଧୁରା

- ଓଡ଼ିଶୀ ନୃତ୍ୟ : ମନ୍ଦିରାୟନରୁ ମଞ୍ଚାୟନ
- ଓଡ଼ିଶୀ ନୃତ୍ୟର କ୍ରମ ବିବର୍ତ୍ତନ
- ଶ୍ରୀଜଗନ୍ନାଥ ସଂସ୍କୃତିରେ ଓଡ଼ିଶୀ ନୃତ୍ୟ
- ଓଡ଼ିଶୀ ନୃତ୍ୟର ଶାସ୍ତ୍ର ନିର୍ଦ୍ଧାରିତ ମୁଦ୍ରା



## ଓଡ଼ିଶୀର ଶାସ୍ତ୍ରୀୟ ଯାତ୍ରା



# ଓଡ଼ିଶୀର ଶାସ୍ତ୍ରୀୟ ଯାତ୍ରା

ଓଡ଼ିଶୀ ହେଉଛି ଏକ ଶାସ୍ତ୍ରୀୟ ନୃତ୍ୟ । ଓଡ଼ିଶାର ବିଭିନ୍ନ ମନ୍ଦିର ଗାତ୍ର ଓ ଗୁମ୍ଫା ଶିଳାରେ ଏହି ନୃତ୍ୟର ପ୍ରାଚୀନତାର ପ୍ରମାଣ ମିଳେ । ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶ୍ରୀମନ୍ଦିର ସହିତ ଏହି ନୃତ୍ୟର ସଂପର୍କ ଅତି ଗଭୀର । ଭାରତର କେତେକ ପୁରାଣ ଓ ଗ୍ରନ୍ଥରେ ଏହି ନୃତ୍ୟ ସଂପର୍କରେ ଉଲ୍ଲେଖ ରହିଛି । ପ୍ରେମ ଓ ଭକ୍ତି ଭାବର ଅନନ୍ୟ ନିଦର୍ଶନ ଦେଖିବାକୁ ମିଳେ ଓଡ଼ିଶୀ ନୃତ୍ୟରେ । ନୃତ୍ୟର ଭାବ, ଭଙ୍ଗୀ, ହସ୍ତ ମୁଦ୍ରା ଆଦି ସ୍ୱତନ୍ତ୍ର ଓ ନିଆରା । ଓଡ଼ିଶୀ ଏକ ଉଚ୍ଚକୋଟୀର ଶୈଳୀର ନୃତ୍ୟ । ଅଭିନୟ ପ୍ରସ୍ତୁତି ଦ୍ୱାରା ଏହାର ଅନୁସରଣ କରାଯାଏ । ମାହାରୀ, ଗୋଟିପୁଅ ନୃତ୍ୟ ଆଦି ପର୍ଯ୍ୟାୟ କ୍ରମେ ଆଜି ଓଡ଼ିଶୀ ନୃତ୍ୟ ଦେଶବିଦେଶର ଅଗଣିତ ନୃତ୍ୟପ୍ରେମୀଙ୍କ ହୃଦୟକୁ ଜୟ କରିବାରେ ସଫଳ ହୋଇଛି । ନୃତ୍ୟଗୁରୁ କାଳୀଚରଣ ପଟ୍ଟନାୟକ, ପଙ୍କଜ ଚରଣ ଦାସ, ଦେବ ପ୍ରସାଦ ଦାସ, କେଳୁଚରଣ ମହାପାତ୍ର ପ୍ରମୁଖ ଅନେକ ନୃତ୍ୟଗୁରୁ ଓଡ଼ିଶୀ ନୃତ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଓଡ଼ିଶୀ ନୃତ୍ୟରେ ଜୟଦେବ, ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ବନମାଳୀ, ଗୋପାଳକୃଷ୍ଣ ପ୍ରମୁଖଙ୍କ ରଚିତ କାବ୍ୟକବିତାକୁ ସଂଗୀତର ରୂପ ଦିଆଯାଏ । ଏହି ନୃତ୍ୟରେ ପଖଉଜ, ବଂଶୀ, ସୀତାର ବା ବୀଣା, ହାରମୋନିୟମ୍, ଗିନି, ଝାଞ୍ଜ ଆଦି ବାଦ୍ୟଯନ୍ତ୍ରର ବିଶେଷ ଭୂମିକା ଥାଏ । ସେହିପରି ନୃତ୍ୟଶିଳ୍ପୀମାନେ ବିଭିନ୍ନ ରୁପା ଅଳଙ୍କାର, ଶାଢ଼ି ପରିଧାନ କରିବା ସହିତ ସ୍ୱତନ୍ତ୍ର ରୂପ ସଜ୍ଜା, କେଶ ବିନ୍ୟାସ କରିଥାନ୍ତି । ଉଭୟ ପୁଅ ଓ ଝିଅମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରନ୍ତି । ଘୁଙ୍ଗୁରର ନିକ୍ୱଣରେ ନୃତ୍ୟଶିଳ୍ପୀମାନେ ନୃତ୍ୟରେ ବିଭୋର ହୋଇଉଠନ୍ତି । ନୃତ୍ୟ ଶିଳ୍ପୀଙ୍କ ଅଙ୍ଗଭଙ୍ଗୀ ଓ ଅଭିନୟ ଦର୍ଶକଙ୍କୁ ମନ୍ତ୍ର ମୁଗ୍ଧ କରିଦିଏ । ଓଡ଼ିଶୀ ନୃତ୍ୟଶିଳ୍ପୀ, ଗବେଷକମାନଙ୍କ ଅକ୍ଳାନ୍ତ ପରିଶ୍ରମ, ଗଭୀର ନିଷ୍ଠା ଓ ଉଦ୍ୟମରେ କ୍ରମେ ଏହା ଶାସ୍ତ୍ରୀୟ ନୃତ୍ୟର ମାନ୍ୟତା ପାଇ ପାରିଛି । ଓଡ଼ିଶୀ କେବଳ ଆଜି ଓଡ଼ିଶା କି ଭାରତ ନୁହେଁ, ବିଦେଶରେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି । ଅନେକ ବିଦେଶିନୀ ମଧ୍ୟ ଏହା ନୃତ୍ୟ ଦ୍ୱାରା ଆକର୍ଷିତ ହୋଇ ଓଡ଼ିଶାକୁ ଆସି ଓଡ଼ିଶୀ ନୃତ୍ୟ ଶିକ୍ଷା ଲାଭ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଓଡ଼ିଶୀ ନୃତ୍ୟର ବିଭିନ୍ନ ବିଭବକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ :

**ଓଡ଼ିଶୀର ଶାସ୍ତ୍ରୀୟ ଯାତ୍ରା**

ପ୍ରସ୍ତୁତି 'ସକାଳ' ବ୍ୟୁରୋ



## କେମିତି କଟିବ ସପ୍ତାହ

**ମେଷ**
ରବିବାରରେ ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ । ସୋମ, ମଙ୍ଗଳ, ବୁଧବାରରେ ଘରେ ଶାନ୍ତିଶୃଙ୍ଖଳା ରହିବ । ଗୁରୁ, ଶୁକ୍ରବାରରେ ମହିଳାମାନେ ଅନିଶ୍ଚିତତାରେ ରହିବେ । ବିଭିନ୍ନ କ୍ଷେତ୍ରରେ ବିଫଳତା ପାଇବେ । ଶନିବାରରେ ପଦୋନ୍ନତିର ଯୋଗ ରହିଛି ।

**ବୃଷ**
ରବିବାରରେ କ୍ଷମତାଶାଳୀ ବ୍ୟକ୍ତିଙ୍କ ସହାୟତା ପାଇବେ । ସୋମ, ମଙ୍ଗଳ, ବୁଧବାରରେ ସମାଜରେ ମାନସମ୍ମାନର ଅଧିକାରୀ ହେବେ । ଗୁରୁ, ଶୁକ୍ରବାରରେ ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ଦେଖାଦେବ । ଶନିବାରରେ ଅନ୍ୟକୁ ଦେଇଥିବା ଧନ ଫେରି ପାଇବେ ।

**ମିଥୁନ**
ରବିବାରରେ କିଛିଟା ଉତ୍ତେଜନା ଭିତରେ କାର୍ଯ୍ୟ ତୁଲାଇବେ । ସାଙ୍ଗସାଥୀଙ୍କ ସହ ନୂତନ ଯୋଜନା ପ୍ରସ୍ତୁତ କରିବେ । ସୋମ, ମଙ୍ଗଳ, ବୁଧବାରରେ ବିଭିନ୍ନ କ୍ଷେତ୍ରରେ ଅର୍ଥପ୍ରାପ୍ତି ଯୋଗ ରହିଛି । ଗୁରୁ, ଶୁକ୍ରବାରରେ ଜମିଜମା କଥାକୁ ନେଇ ବିବାଦ ଉପୁଜିପାରେ । ଶନିବାରରେ ଉଚ୍ଚ ସମ୍ମାନର ଅଧିକାରୀ ହୋଇପାରନ୍ତି ।

**କର୍କଟ**
ରବିବାରରେ ପରିବାର ସହ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ କରିପାରନ୍ତି । ସୋମ, ମଙ୍ଗଳ, ବୁଧବାରରେ ମନରେ ବ୍ୟାକୁଳତା ଅନୁଭବ ହେବ । ପରିବାରରେ ସୁଖଶାନ୍ତିର ପରିବେଶ ରହିବ । ଗୁରୁ, ଶୁକ୍ରବାରରେ ଚିନ୍ତାରେ ବୁଡ଼ି ରହିବେ । ଶନିବାରରେ ଛାତ୍ରଛାତ୍ରୀମାନେ ସଫଳତା ପାଇବେ ।

**ସିଂହ**
ରବିବାରରେ ବିଭିନ୍ନ କାର୍ଯ୍ୟରେ ସଫଳତା ପାଇପାରନ୍ତି । ପରିବାରରେ ଲାଗିରହିଥିବା ସମସ୍ୟାରୁ ମୁକ୍ତି ପାଇବେ । ସୋମ, ମଙ୍ଗଳ, ବୁଧବାରରେ ଭ୍ରମଣଯୋଗ ରହିଛି । ଗୁରୁ, ଶୁକ୍ରବାରରେ ବ୍ୟବସାୟ ପ୍ରସାରିତ ହେବ । ଶନିବାରରେ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ପାଇବାକୁ ଲାଗିବ ।

**କନ୍ୟା**
ରବି, ସୋମବାରରେ ସକାରାତ୍ମକ ଭାବନା ସହ କାର୍ଯ୍ୟ କରିବେ । ପ୍ରିୟଜନଙ୍କ କଥାକୁ ଗୁରୁତ୍ୱ ଦେବେ । ମଙ୍ଗଳ, ବୁଧ, ଗୁରୁବାରରେ କଠୋର ପରିଶ୍ରମ ଓ ଧୈର୍ଯ୍ୟ ଶକ୍ତି ପାଇଁ ସଫଳତା ପାଇବେ । ଶୁକ୍ର, ଶନିବାରରେ ଅନ୍ୟର କଥାରେ ମୁଣ୍ଡ ପୂରାନ୍ତୁ ନାହିଁ ।

**ତୁଳା**
ରବିବାରରେ ମନ ବିଚଳିତ ହୋଇପାରେ । ଅତ୍ୟଧିକ କ୍ରୋଧରୁ ଦୂରେଇ ରୁହନ୍ତୁ । ସୋମ, ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ ପରିବର୍ତ୍ତନ ସହିତ ପ୍ରଗତିର ସମ୍ଭାବନା ରହିଛି । ଗୁରୁ, ଶୁକ୍ରବାରରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟ ପାଇବେ । ଶନିବାରରେ ସମସ୍ୟା ଦୂର ହେବ । ଦୂରଯାତ୍ରା ଯୋଗ ରହିଛି ।

**ବିଛା**
ରବିବାରରେ ମନରୁ ଖରାପ ଭାବନା ଅପସରିଯିବ । ସୋମ, ମଙ୍ଗଳ, ବୁଧବାରରେ ବ୍ୟୟ କମ୍ ରହିବ । ସମସ୍ତ କାର୍ଯ୍ୟରେ ସଫଳତା ପାଇବେ । ଗୁରୁ, ଶୁକ୍ରବାରରେ ନିଜର ପ୍ରିୟବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖାଦେବ । ଶନିବାରରେ ମହିଳାମାନେ ସହକର୍ମୀଙ୍କଠାରୁ ସହଯୋଗ ପାଇବେ ।

**ଧନୁ**
ରବିବାରରେ ପୈତୃକ ସମ୍ପତ୍ତି ହାସଲ କରିବାରେ ଆସୁଥିବା ବାଧା ଦୂର ହେବ । ସୋମ, ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ ପୂର୍ଣ୍ଣ ଆଗ୍ରହ ସହ କାର୍ଯ୍ୟ କରିବେ । ଗୁରୁ, ଶୁକ୍ରବାରରେ ଦାମ୍ପତ୍ୟ ଜୀବନରେ ଭୁଲ୍ ବୁଝାମଣା ଦେଖାଦେଇପାରେ । ଶନିବାରରେ ବ୍ୟବସାୟୀଙ୍କୁ ଆଶାଠାରୁ ଅଧିକ ଲାଭ ମିଳିପାରେ ।

**ମକର**
ରବିବାରରେ ମଉଜ ମଜଲିସ୍‌ରେ ଅଧିକ ଆଗ୍ରହ ରହିବ । ସୋମ, ମଙ୍ଗଳ, ବୁଧବାରରେ କର୍ମରେ ଏକାଗ୍ରତା ଓ ଆନ୍ତରିକତା ଅଧିକ ରହିବ । ବ୍ୟବସାୟୀମାନେ ଆଶାଠାରୁ ଅଧିକ ସଫଳତା ପାଇବେ । ଗୁରୁ, ଶୁକ୍ରବାରରେ ପରିବାରରେ ସୁଖଶାନ୍ତି ବୃଦ୍ଧି ପାଇବ । ଶନିବାରରେ ଭାଇଭଉଣୀଙ୍କ ସହଯୋଗ ପାଇବେ ।

**କୁମ୍ଭ**
ରବିବାରରେ ଅଫିସ୍ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି । ସୋମ, ମଙ୍ଗଳ, ବୁଧବାରରେ କୌଣସି ବିହାହ ପ୍ରସ୍ତାବ ଆସିପାରେ । ସଫଳତା ପାଇବା ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ କରିବେ । ଗୁରୁ, ଶୁକ୍ରବାରରେ ମନରେ ପ୍ରସନ୍ନତା ଭାବ ପ୍ରକାଶ ପାଇବ । ଶନିବାରରେ ବ୍ୟବସାୟ ଉତ୍ତମ ହେବ ।

**ମୀନ**
ରବିବାରରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହଯୋଗ ପାଇବେ । ସୋମ, ମଙ୍ଗଳ, ବୁଧବାରରେ ନିଜ ଲକ୍ଷ୍ୟରୁ ବିଚ୍ୟୁତ ହୋଇପାରନ୍ତି । ଗୁରୁ, ଶୁକ୍ରବାରରେ ପାରିବାରିକ କାର୍ଯ୍ୟରେ ବ୍ୟସ୍ତ ରହିବେ । ଶନିବାରରେ ଜମା ହୋଇଥିବା ଧନରେ ବୃଦ୍ଧି ଘଟିବ । ଜୀବନରେ ନୂତନ ମୋଡ଼ ସୃଷ୍ଟି ହୋଇପାରେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



# ଓଡ଼ିଶୀ ନୃତ୍ୟ

# ମନ୍ଦିରାୟନରୁ ମଞ୍ଚାୟନ





ଡକ୍ଟର ଶ୍ରୀନିବାସ ଘଟୁଆରୀ (ମିଳନ)

ସୃଷ୍ଟିର ଅୟମାରମ୍ଭରୁ ଶିଳା ଓ ଶିଳ୍ପୀ ଏକ, ଅଭିନ୍ନ ଓ ଉଭୟ ପରସ୍ପରର ପରିପୂରକ । ଶିଳା କେବେ ପାଲଟିଛି ଜୀବନର ମୌଳିକ ଆବଶ୍ୟକତାର ଆଧାର ତ ପୁଣି କେବେ ସୁରକ୍ଷାର ସାଧନ ତ ପୁଣି କେବେ ଐଶ୍ୱରୀୟ ଚେତନାର ଚରମ ଉନ୍ମେଷ । ଶିଳ୍ପୀର ମାନ୍ୟତା ପାଇ ନଥିଲେ ବି ପ୍ରତ୍ୟେକ ମନୁଷ୍ୟ ଶିଳାର ଆବଶ୍ୟକୀୟ ବ୍ୟବହାର ପାଇଁ ପାଲଟିଯାଏ ଶିଳ୍ପୀ । ସୁତରାଂ ଏକଥା ସର୍ବାଦୌ ସ୍ୱୀକାର୍ଯ୍ୟ ଯେ, ଶିଳ୍ପୀ ହେଉଛି ଶିଳା ରୂପକାର ଏବଂ ଶିଳାର ଭିତରେ ଲୁକ୍କାୟିତ ଥିବା ନିରବ ଦେବତ୍ୱକୁ ଦୃଶ୍ୟମାନ କରିବାର ନିରୁତା ସାଧକ । ଏହି ପଥରକୁ ପ୍ରାଣବନ୍ତ କରିବାର ନିରନ୍ତରତା ହିଁ ମନ୍ଦିର ଗାତ୍ରରେ ସୃଷ୍ଟି କରିଛି ଅଫୁରନ୍ତ କମନୀୟ କୁଟିକମର କଷ୍ଟସାଧ କାରିଗରୀ । ଆକର୍ଷଣୀୟ କରିଛି ମନ୍ଦିର ଓ ମଣ୍ଡପ । ପର୍ଯ୍ୟଟକଙ୍କୁ କେବଳ ଅଟକି ଯିବା ପାଇଁ ବାଧ କରିନି ବରଂ ସଭ୍ୟତାକୁ, ସମାଜକୁ ସମୃଦ୍ଧ କରିଛି ଏକ ନୂତନ ସଂସ୍କୃତିରେ । ପରିଚୟରେ ଯୋଡ଼ି ଦେଇଛି ଆଉ ଏକ ସ୍ୱର୍ଣ୍ଣାଭ ଅଧ୍ୟାୟ । ଏଇ ଯେମିତି ଆମ ଓଡ଼ିଶାର ଅନ୍ୟତମ ପରିଚୟ ଓଡ଼ିଶୀ ନୃତ୍ୟ ।

## ଓଡ଼ିଶୀ ନୃତ୍ୟର ପ୍ରାଚୀନତା

ମନରେ ସ୍ୱତଃ ପ୍ରଶ୍ନ ଉଠେ ନୃତ୍ୟ ପ୍ରତିମାମାନେ ମନ୍ଦିରରେ କାହିଁକି? କେବଳ ଶୋଭାବର୍ଦ୍ଧନ ନା ଭକ୍ତଙ୍କ ମନୋରଞ୍ଜନ? ନା ଦେବ ନୀତି ସହିତ ରହିଛି ଏହାର କୌଣସି ଅନନ୍ୟ ସଂପର୍କ? – ଏ ସବୁ ପ୍ରଶ୍ନର ଉତ୍ତର ପାଇଁ ଶାସ୍ତ୍ରାନୁଶୀଳନ ଏକାନ୍ତ ଅପରିହାର୍ଯ୍ୟ। କେତେକ ଉଦାହରଣ ଏଠାରେ ଆଲୋଚନାର ଅନ୍ତର୍ଭୁକ୍ତ କରାଯାଇପାରେ। 'ନୀଳାଦ୍ରୀ ମହୋଦୟଃ' ଗ୍ରନ୍ଥର (ଅ ୮୦/୩୫-୩୨) ରେ ବର୍ଣ୍ଣିତ ଅଛି:-

"ମୃଦଂଗ କାଂସ୍ୟ ତାଳଂ ଚ କରତାଳାଂସ୍ତଥୈବ ଚ ।
ନର୍ତ୍ତକାନ୍ କାୟକାଦୀଂଶ୍ଚ ଦିବ୍ୟସ୍ତୋତ୍ର ମନୋରମାଃ ॥
ସାଳଂକାରାଃ ସୁଦୃଶ୍ୟାଶ୍ଚ ନିଜ ଯୌବନ ଗର୍ବିତାଃ
ଜୟଂ ଚ ବିଜୟଂ ଚୈବ ମହେଶଂ ଚ ତତଃ ପରମ୍ ॥"

ଏହା ପ୍ରମାଣିତ କରେ ଯେ, ନୃତ୍ୟ ସଙ୍ଗୀତର ପ୍ରଭାବ କେବଳ ମନୁଷ୍ୟଙ୍କୁ ନୁହେଁ, ବରଂ ଦେବତାମାନଙ୍କୁ ମଧ୍ୟ ବିମୋହିତ କରିଥାଏ। ପୁନଶ୍ଚ 'କୈଷିତକୀ ବ୍ରାହ୍ମଣ' ୨୯୮ ସୂତ୍ରର ରଚନା କାଳକୁ 'ନୃତୁ' ବିଜ୍ଞାନକୁ ମନ୍ତ୍ରଦ୍ରଷ୍ଟା ଋଷିଗଣ ପ୍ରୟୋଗାତ୍ମକ ରୂପରେ ତିନି ମୁଖ୍ୟ ଭେଦରେ ପରିଣତ କରିସାରିଥିଲେ। ନୃତ୍ୟ, ଗୀତ ଓ ବାଦ୍ୟ ଏହି ତିନି ଗୋଟି ମୂଳ ସୂତ୍ରର ସମନ୍ୱୟ ହିଁ ନୃତ୍ୟ। ପରବର୍ତ୍ତୀ କାଳରେ ଶତପଥ ବ୍ରାହ୍ମଣ (୯:୪:୧୪) ରେ "ଗନ୍ଧେନ ବୈରୂପେଣ ଚ ଗନ୍ଧର୍ବାପ୍‌ସରାଶ୍ଚରନ୍ତି" ବାକ୍ୟକୁ କେନ୍ଦ୍ର କରି ଏହି ନୃତ୍ୟ ବିଦ୍ୟା ଅପ୍‌ସରାମାନଙ୍କ ଦ୍ୱାରା ପ୍ରଦର୍ଶିତ ହେବାର ପଦ୍ଧତିରୁ ଦେବତାମାନଙ୍କ ପାଇଁ ଉଦ୍ଦିଷ୍ଟ ମନ୍ଦିର ଗାତ୍ରକୁ ନର୍ତ୍ତକୀ ପରିବେଷ୍ଟନୀରେ ଅଳଙ୍କୃତ କରାଯାଇଥିବାର ବିଶ୍ୱାସକୁ ଗ୍ରହଣ କରାଯାଇପାରେ। 'ତ୍ରୈତ୍ତରୀୟ ବ୍ରାହ୍ମଣ'ରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, "ସ୍ତ୍ରୀ କାମା ବୈ ଗନ୍ଧର୍ବାଃ ।" ଏହିପରି ଏକାଧିକ ଗ୍ରନ୍ଥ ଓ ଶାସ୍ତ୍ରରୁ ଦେବତାମାନେ ଯେ, ନୃତ୍ୟ ପ୍ରିୟ ଏକଥା ସ୍ୱୀକାର କରାଯାଇପାରେ। 'ବ୍ରହ୍ମପୁରାଣ', 'ମତ୍ସ୍ୟପୁରାଣ', 'ସ୍କନ୍ଦପୁରାଣ', 'ନୀଳାଦ୍ରି ମହୋଦୟଃ', 'ଇନ୍ଦ୍ର ନୀଳମଣି ପୁରାଣ', 'ବାମଦେବ ସଂହିତା', 'ପ୍ରପନ୍ନାମୃତ' ଆଦି ପ୍ରାଚୀନ ପୁରାଣ ଓ ଶାସ୍ତ୍ରରେ ବର୍ଣ୍ଣିତ ବହୁବିଧ ପ୍ରସଙ୍ଗରୁ ଏହା ଅନୁମାନ କରାଯାଇ ପାରେ ଏବଂ ଗ୍ରହଣୀୟ ମଧ୍ୟ ଯେ, ଶ୍ରୀମନ୍ଦିରରେ ନୃତ୍ୟ ଗୀତ ପରମ୍ପରାର ପ୍ରଚଳନ ପ୍ରାୟତଃ ପୁରାଣ ଯୁଗରୁ ଓ ପ୍ରାଚୀନ ମଧ୍ୟ। ଏଠାରେ 'ପଦ୍ମପୁରାଣ'ର ସୃଷ୍ଟି ଖଣ୍ଡରେ ବର୍ଣ୍ଣିତ ହୋଇଥିବା ଏକ ତଥ୍ୟକୁ ଉଦ୍ଧୃତ କଲେ ଅତ୍ୟନ୍ତ ସୁସ୍ପଷ୍ଟ ହେବ ଯେ, ମନ୍ଦିରରେ ନୃତ୍ୟ ସେବାର ପ୍ରଚଳନ ଏବଂ

ମନ୍ଦିର ଗାତ୍ରରେ ନର୍ତ୍ତକୀ ମୂର୍ତ୍ତି ଖୋଦିତ ହେବାର ରହସ୍ୟ କ'ଣ?

**"କ୍ରୀତ ଦେବାୟ ଦାତବ୍ୟାଧୀରେଣା କର୍ମଣୀ
କଳ୍ପକାଳଂ ଭବେତ୍ ସ୍ୱର୍ଗୋ ନୃପୋ ମହାଧନୀ ।"**

'ହରି ଭକ୍ତି ବିଳାସ'ରେ ମଧ ଉଲ୍ଲେଖ କରାଯାଇଛି ଯେ, ଭଗବାନ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ନୃତ୍ୟ କଲେ ଜନ୍ମଜନ୍ମାନ୍ତରର ସର୍ବ ପାପ ରୂପକ ପକ୍ଷୀ ଉଡ଼ି ଯାଇ ମହାପୁଣ୍ୟ ପ୍ରାପ୍ତ ହୁଏ ।

**"ନୃତ୍ୟତାଂ ଶ୍ରୀପତିରଗ୍ରେ ତାଳିକାବାଦ ନୈର୍ଭୂଷମ୍
ଉଡ୍‌ଡୀୟନ୍ତେ ଶରୀରସ୍ଥା ସର୍ବେ ପାତକ ପକ୍ଷୀଣଃ ।"**





## ଓଡ଼ିଶୀ ନୃତ୍ୟ ଓ ଶ୍ରୀମନ୍ଦିରର ସଂପର୍କ

ଉପରୋକ୍ତ ସମସ୍ତ ତଥ୍ୟକୁ ବିଚାର କଲେ ଏହା ସୁସ୍ପଷ୍ଟ ଯେ, ଶ୍ରୀମନ୍ଦିର ପ୍ରଚଳିତ ମାହାରୀ ସେବା ୧୧ଶ ଶତାବ୍ଦୀର ନୁହେଁ, ତାର ଯଥେଷ୍ଟ ପୂର୍ବରୁ, କାରଣ ପଞ୍ଚମ ଶତାବ୍ଦୀର 'ସ୍କନ୍ଦ ପୁରାଣ' ରଚନା ବେଳକୁ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ସେବାରେ ଉଡ୍ର ପଦ୍ଧତୀୟ ନୃତ୍ୟ ଓ ଶୁଦ୍ଧ ସାତ୍ତ୍ୱିକ ମାହାରୀ ସେବାର ପ୍ରଚଳନ ହୋଇ ସାରିଥିଲା । କାରଣ ଅଷ୍ଟାଦଶ ପୁରାଣ ମଧ୍ୟରେ ପ୍ରଥମ ପୁରାଣ 'ବ୍ରହ୍ମ ପୁରାଣ' ଏବଂ ତା'ର ସମସାମୟିକ ରଚିତ ପୁରାଣ 'ମତ୍ସ୍ୟ ପୁରାଣ'ର ସମୟ ପ୍ରାୟତଃ ଚତୁର୍ଥ ଶତାବ୍ଦୀ ଏବଂ ଏହି ପୁରାଣରେ ଦେବନୀତିରେ ନୃତ୍ୟ ଏକ ଅପରିହାର୍ଯ୍ୟ ଅଙ୍ଗ ବୋଲି ଉଲ୍ଲେଖ ରହିଛି । ପୁନଶ୍ଚ ଡ. ବୀଣା କୁମାରୀ ଶର୍ମା ତାଙ୍କର 'ଓଡ଼ିଶାରେ ସୋମବଂଶୀ ଶାସନ' ନାମକ ପୁସ୍ତକରେ ୬୩ ପୃଷ୍ଠାରେ ଲେଖିଛନ୍ତି ଯେ, ଭୌମକର ଶାସନର ଅବସାନ ପରେ ପ୍ରାୟତଃ ୧୦ମ ଶତାବ୍ଦୀରେ ସୋମବଂଶ ଶାସନ ସମୟରେ ଶ୍ରୀମନ୍ଦିରରେ ଏହି ନୃତ୍ୟ ସେବାର ବହୁଳ ପ୍ରସାର ଓ ପ୍ରଚାର ହୋଇଥିଲା । କିନ୍ତୁ ସ୍ୱତଃ ପ୍ରଶ୍ନ ଉଙ୍କିମାରେ ଯେ, ଅନ୍ୟ କେଉଁ ଶତାବ୍ଦୀ ପ୍ରାମାଣିକ ତଥ୍ୟାନୁସାରେ ଗ୍ରହଣୀୟ? ଏଥିପାଇଁ 'ସମରାଂଗଣ ସୂତ୍ରଧାର' ଗ୍ରନ୍ଥକୁ ଗ୍ରହଣ କରାଯାଇ ପାରେ । ଏହାର ତଥ୍ୟାନୁଯାୟୀ ଆଦି ଶଙ୍କରାଚାର୍ଯ୍ୟଙ୍କ ସମସାମୟିକ (୭୮୮/୮୨୦ ଖ୍ରୀଷ୍ଟାବ୍ଦ) ମହାଶିବ ଗୁପ୍ତ ୨ୟ ଶ୍ରୀଜଗନ୍ନାଥ ମନ୍ଦିରରେ ଲୁପ୍ତ ପୂଜାର ପୁନର୍ଦ୍ଧାର କରିଥିଲେ । ଆଉ ବର୍ଷକୁ ଥରେ ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ଦିନ ଅର୍ଥାତ୍ ଶ୍ରୀମନ୍ଦିରରେ ପାଳିତ ହେଉଥିବା ବିଶେଷ ନୀତି 'ଇନ୍ଦ୍ରଧ୍ୱଜ' ପୂଜା ଦିନ ନୂତନ ମହାରୀମାନଙ୍କୁ ରାଜା ନିଯୁକ୍ତି ଦେଉଥିବାର ତଥ୍ୟ ମଧ ପ୍ରାପ୍ତ ହୁଏ । ଯାହା ଗ୍ରହଣୀୟ ।

ଉପରୋକ୍ତ ସମସ୍ତ ଆଲୋଚନା ଆଉ ଏକ ପ୍ରଶ୍ନକୁ ଉତ୍‌ଥାପିତ କରେ ଯେ, ଏହି ନୃତ୍ୟ ଓ ସଙ୍ଗୀତର ପରମ୍ପରାର ପ୍ରେରଣାର ଉତ୍ସ କିଏ? ଉତ୍କଳୀୟ ଭାସ୍କର୍ଯ୍ୟ ଶିଳ୍ପୀମାନେ ତତ୍କାଳୀନ କେଉଁ ଏକ ନୃତ୍ୟ ଶୈଳୀର ଅନୁକରଣରେ ଶ୍ରୀମନ୍ଦିରର ବିଭିନ୍ନ ଅଙ୍ଗରେ ନର୍ତ୍ତକୀମାନଙ୍କର ପ୍ରତିମା ଖୋଦନ କରିଥିଲେ ନା ମନ୍ଦିର ଗାତ୍ରର ପ୍ରସ୍ତର ପ୍ରତିମାମାନଙ୍କୁ ଦେଖି ରାଜାମାନେ ପୁରାଣର ତଥ୍ୟାଧାରରେ ନର୍ତ୍ତକୀମାନଙ୍କୁ ଦେବ ସେବାରେ ନିୟୋଜିତ କରିଥିଲେ? ଏହା ଏବେ ବି ଗବେଷଣା ସାପେକ୍ଷ । କାରଣ ନୃତ୍ୟ ଉତ୍ପତ୍ତି ସମ୍ବନ୍ଧରେ ପ୍ରାମାଣିକ ତଥ୍ୟ ପ୍ରାପ୍ତ କରିବାରେ ଆମେ ଏବେ ବି ନିଃରାସବାଦୀ । ତଥାପି ଓଡ଼ିଶୀ ନୃତ୍ୟରେ ବ୍ୟବହୃତ ହେଉଥିବା ପ୍ରାୟତଃ ସମସ୍ତ ଆଙ୍ଗିକ ସ୍ଥିତି/ ଅଙ୍ଗ ବିନ୍ୟାସ/ ଭଙ୍ଗୀର ସାମଞ୍ଜସ୍ୟ ମନ୍ଦିର ଗାତ୍ରରେ ଖୋଦିତ ହୋଇଥିବା ନର୍ତ୍ତକୀ ପ୍ରତିମାମାନଙ୍କ ସହ ପାଖାପାଖି ଶତ ପ୍ରତିଶତ ମେଳ ଖାଏ ଏବଂ ନାଟ୍ୟଶାସ୍ତ୍ରକୁ ସମ୍ମତି ଜଣାଏ, ଏହାକୁ ଅସ୍ୱୀକାର ନ କରାଯାଇପାରେ । ରୋହିଣୀ କୁଣ୍ଡର ପଶ୍ଚାତ ଭାଗରେ ଥିବା ନଟ ଗଣେଶଙ୍କ ମୂର୍ତ୍ତି ଏବଂ ବିମଳାଙ୍କ ମନ୍ଦିରର ପ୍ରବେଶ ପଥର ବାମ ପାର୍ଶ୍ୱରେ ଥିବା ନୃତ୍ୟରତ, ତ୍ରିଭଙ୍ଗ ଓ ସୂଚୀ ପାଦ ବିନ୍ୟାସରେ ସ୍ଥିତ ଗଣେଶ ମୂର୍ତ୍ତି ଏବଂ ଓଡ଼ିଶୀ ନୃତ୍ୟର ମଙ୍ଗଳା ଚରଣରେ ବ୍ୟବହୃତ ଶ୍ଳୋକରେ "ନମାମି ବିଘ୍ନରାଜତ୍ୱଂ... ନୃତ୍ୟ କେବିଦଂ..." ଏ ଭାବକୁ ଆହୁରି ନିବିଡ଼ କରିବାରେ ବେଶ୍ ସହାୟକ ମନେ ହୁଏ ।



## ଶ୍ରୀମନ୍ଦିର ଗାତ୍ରରେ ନୃତ୍ୟ ପ୍ରତିମା

ଶ୍ରୀଜଗନ୍ନାଥ ମନ୍ଦିରରେ ଖୋଦିତ ଗାନ୍ଧର୍ବିକ ପ୍ରତିମାମାନଙ୍କୁ ଅନୁଧ୍ୟାନ କଲେ ପ୍ରତୀତ ହୁଏ ଯେ, ଦେବତାଙ୍କଠାରୁ ଆରମ୍ଭ କରି ଶାଳଭଂଜିକା, ମଦନିକା ଓ ମାନବ-ମାନବୀ ସମସ୍ତେ ଯେପରି ନୃତ୍ୟ ଓ ସଙ୍ଗୀତରେ ବିଭୋର ପାଷାଣୀ ପ୍ରତିମା । ଭୋଗ ମଣ୍ଡପର ପୂର୍ବ ପାର୍ଶ୍ୱ (ଦକ୍ଷିଣ ପୂର୍ବ ଦିଗ- ଉପର ଜଂଘା-କୋଣକ)ରେ ନୃତ୍ୟଗୁରୁ ନୃତ୍ୟ କରୁଥିବା ଏବଂ ଉତ୍ତର ପୂର୍ବ ଦିଗ (କୋଣକ ପଗ-ଉପର ଜଂଘା)ରେ ବଂଶୀ ବାଦନର ମୂର୍ତ୍ତି ଖୁବ୍ କମନୀୟ । ବୀଣାକାର, ମର୍ଦ୍ଦଳ, ମଂଜିରା, ବେଣୁ, ଶଙ୍ଖ ଆଦି ବାଦନ କରୁଥିବା ମୂର୍ତ୍ତିମାନେ ଭୋଗ ମଣ୍ଡପର ଶୋଭାବର୍ଦ୍ଧନ କରୁଥିବାର ଦୃଶ୍ୟ ଖୁବ୍ ଆକର୍ଷଣୀୟ, ଯେଉଁ ଶିଳା ସାଧାରଣ ଲୋକଙ୍କୁ ଶିଳ୍ପୀରେ ରୂପାନ୍ତରିତ କରିବା ପାଇଁ ଯଥେଷ୍ଟ ମନେ ହୁଏ । ବିମାନ ଗାତ୍ରରେ ନଟରାଜ ଶିବଙ୍କର ବୃଷଭ ପୃଷ୍ଠଦେଶରେ ଡମ୍ବରୁ ଧରି ଆନନ୍ଦ ତାଣ୍ଡବର ମୂର୍ତ୍ତି ହେଉ ଅବା କାଳୀୟ ନାଗର ଫଣାରେ ନଟବରଙ୍କ ନୃତ୍ୟର ଦୃଶ୍ୟ ଯେ, ସାଂପ୍ରତିକ ଓଡ଼ିଶୀ ନୃତ୍ୟକୁ ସମୃଦ୍ଧ ଓ ସ୍ୱତନ୍ତ୍ର କରିଛି ତାହା ନିଃସନ୍ଦେହ । ଭୋଗ ମଣ୍ଡପର (ଦକ୍ଷିଣ-ପୂର୍ବଦିଗ- ଅନୁରଥ ପଗ-ତଳଜଂଘା) ଦକ୍ଷିଣ ପାର୍ଶ୍ୱରେ ଷଡ଼ଭୂଜ ନଟରାଜ ଉଲ୍ଲାସରେ ଏପରି ଆନନ୍ଦ ତାଣ୍ଡବରେ ଉନ୍ମାଦ ଯେ, ସେ ନିଃବସ୍ତ୍ର ହୋଇ ଉଲଗ୍ନରେ ନୃତ୍ୟରତ ଯାହା ତଲ୍ଲୀନତାର ପ୍ରତୀକ । ଶିବଙ୍କ ନୃତ୍ୟରେ ଆନନ୍ଦିତ ହୋଇ ଦେବଗଣ ବିମୋହିତ ଏବଂ ବ୍ରହ୍ମା ବାଦ୍ୟ ଯନ୍ତ୍ର, ଇନ୍ଦ୍ର ଗିନି, ନାରଦ ବୀଣା, ବୃହସ୍ପତି କରତାଳ, ବିଷ୍ଣୁ ଗିନି, କୃଷ୍ଣ ବଂଶୀ, ନନ୍ଦୀ-ଭଙ୍ଗୀ ଯଥାକ୍ରମେ ଗିନି ଓ ଭେରୀ ବାଦନ ମୁଦ୍ରାରେ ଉପସ୍ଥିତ, ଯାହା ଦେଖିବାକୁ ଖୁବ୍ ଆନନ୍ଦଦାୟୀ । ପୂର୍ବ ପାର୍ଶ୍ୱ ଉପର ଜଂଘାର ଉପବୀତଧାରୀ ନୃତ୍ୟରତ ଗୁରୁଙ୍କ ଭାସ୍କର୍ଯ୍ୟରେ ତାଙ୍କ ନୃତ୍ୟ ଶୈଳୀ, ବସ୍ତ୍ର ପରିଧାନ କୌଶଳ ଏବଂ ପ୍ରଶାନ୍ତ ମୁଖମଣ୍ଡଳରେ ପ୍ରବୀଣତା ସୂଚକ ବାର୍ଦ୍ଧକ୍ୟର ଛାପ ପରିସ୍ଫୁଟ । ପୂର୍ବ ପାର୍ଶ୍ୱ (ଉତ୍ତର-ପୂର୍ବ ଦିଗ) କୋଣକ ପଗ ଉପର ଜଂଘାରେ ବଂଶୀବାଦନ ମୁଦ୍ରାରେ ନୃତ୍ୟଗୁରୁଙ୍କ ଅନ୍ୟ ଏକ ଭାସ୍କର୍ଯ୍ୟ ପରିଦୃଷ୍ଟ । ଉତ୍ତର ପାର୍ଶ୍ୱରେ ଅନେକ ନର୍ତ୍ତକୀମାନଙ୍କ ଅଙ୍ଗବିନ୍ୟାସ ଓ ଭାବଭଙ୍ଗୀ ସାଂପ୍ରତିକ ଓଡ଼ିଶୀ ନୃତ୍ୟର ଏକ ଅବିକଳ ଚିତ୍ର ପ୍ରତିମା ପରି ମନେ ହୁଏ । ଦକ୍ଷିଣ ପୂର୍ବ ଦିଗ (କୋଣକ ପଗର ଜଂଘା)ରେ ଥିବା ରାଜା ଅଧିଷ୍ଠିତ ପାଲିଙ୍କି ଏବଂ ସେହି ଦିଗରେ ଅନୁରଥ ପଗର ତଳ ଜଂଘାରେ ସିଂହାସନରେ ଅଧିଷ୍ଠିତ ରାଜାଙ୍କ ଦୃଶ୍ୟ ତଳେ ଅନେକ ନାରୀ କରତାଳ, ଗିନି, କାହାଳୀ ଓ ବଂଶୀବାଦନ କରୁଥିବା ବେଳେ ନୃତ୍ୟରତା ପ୍ରତିମାମାନେ ଶୋଭାବର୍ଦ୍ଧନ କରୁଥିବା ଦୃଶ୍ୟ ଖୁବ୍ ମନୋହର । କେବଳ ଏତିକି ନୁହେଁ, ପୂର୍ବ ପାର୍ଶ୍ୱ ପ୍ରବେଶ ଦ୍ୱାରରେ ଥିବା ଗଙ୍ଗା ଓ ଯମୁନାଙ୍କ ବାହାନ ତଳେ ଯେଉଁ ନୃତ୍ୟ ପ୍ରତିମାଗୁଡ଼ିକ ଖୋଦିତ ହୋଇଛି ତାହାର ଅବିକଳ ଅନୁକରଣ ଓଡ଼ିଶୀ ନୃତ୍ୟରେ ସୁସ୍ପଷ୍ଟ ।



## ନୃତ୍ୟରେ ବ୍ୟବହୃତ ଭଙ୍ଗୀର ପ୍ରତିମା

କେବଳ ଭୋଗ ମଣ୍ଡପ ନୁହେଁ, ଅନ୍ୟ ମନ୍ଦିରଗୁଡ଼ିକର ପ୍ରସ୍ତର ଗାତ୍ରରେ ସଙ୍ଗୀତ ଏବଂ ନୃତ୍ୟ ରଙ୍ଗରେ ରଙ୍ଗାୟିତ ବହୁ ନର୍ତ୍ତକ ଓ ନର୍ତ୍ତକୀ ତଥା ବିଭିନ୍ନ ବାଦ୍ୟଯନ୍ତ୍ରରେ ସହଯୋଗୀତା କରୁଥିବା ବାଦକବାଦିକାମାନଙ୍କୁ ନିରୀକ୍ଷଣ କଲେ ଜଣାଯାଏ ଯେ, ଉତ୍କଳୀୟ ଗାନ୍ଧର୍ବ କଳା, ସ୍ଥାପତ୍ୟ ଏବଂ ଭାସ୍କର୍ଯ୍ୟରେ ଆତ୍ମ ପ୍ରକାଶ କରିଛି । ଶିଳାରେ ସୁସ୍ପଷ୍ଟ ହୋଇଛି ଶିଳ୍ପୀ, ଭୋଗମଣ୍ଡପ, ଅନ୍ୟମନ୍ଦିରର ବହିର୍ଦେଶ ଓ ଅରୁଣସ୍ତମ୍ଭର ପାଦଦେଶରେ ନର୍ତ୍ତକନର୍ତ୍ତକୀ, ଲୋକନୃତ୍ୟ ଶିଳ୍ପୀ ଏବଂ ସମର କଳା ନର୍ତ୍ତକୀମାନଙ୍କର ଛୋଟ ବଡ଼ ମୂର୍ତ୍ତି ସବୁ ସ୍ଥାନିତ ହୋଇଛନ୍ତି । ଶ୍ରୀମନ୍ଦିର ଭାସ୍କର୍ଯ୍ୟ କଳାରେ ଗାନ୍ଧର୍ବିକ କଳାର ଅନ୍ୟ ଏକ ବଳିଷ୍ଠ ଉଦାହରଣ ଓ ଆକର୍ଷଣ ହେଉଛି ଷୋଡ଼ଶ ଅଳସ କନ୍ୟାଙ୍କ ସନ୍ନିବେଶନ । ଶ୍ରୀମନ୍ଦିରରେ ଚତୁର୍ଦ୍ଦିଗରେ



ସନ୍ଧିସ୍ଥଳର ଅଭ୍ୟନ୍ତରରେ ନୃତ୍ୟ ଭଙ୍ଗୀରେ ବିକଚ କମଳ ପରି ଦଣ୍ଡାୟମାନ, ନାନା ଅଳଙ୍କାର ଭୂଷିତା, ସ୍ମିତ ବଦନା, ଅଲୌକିକ କଳା ନିପୁଣା, ଗାନ୍ଧର୍ବକଳାର ପାଷାଣୀ ପ୍ରତିମାଗୁଡ଼ିକ ସାଜନ୍ତି ଦର୍ଶକମାନଙ୍କୁ ସମ୍ମୋହିତ କରିବାର କାରକ। 'ଶିଳ୍ପ ପ୍ରକାଶ' ଗ୍ରନ୍ଥର ଆଧାରରେ ଏମାନଙ୍କୁ ବିଚାରକୁ ନେଲେ ଏମାନେ ଷୋଡ଼ଶ ଅଳସା ବା ଅଳସୀ କନ୍ୟାଙ୍କ ଅନ୍ତର୍ଭୁକ୍ତ। ଯାହାର ପ୍ରୟୋଗ ଓଡ଼ିଶୀ ନୃତ୍ୟରେ ଖୁବ୍ ପ୍ରାବଲ୍ୟ ଯଥା- ଅଳସୀ, ତୋରଣା, ମୁଗ୍ଧା, ମାନିନୀ, ଡାଳମାଳିକା, ପଦ୍ମଗନ୍ଧା, ଦର୍ପଣା, ବନ୍ୟାସ, କେତକୀଭରଣା, ମାତୃମୂର୍ତ୍ତି, ଚାମରା, ଗୁଣ୍ଠନା, ନର୍ତ୍ତକୀ, ଶୁକସାରିକା, ନୂପୁର ପାଦିକା ଓ ମର୍ଦ୍ଦଳା। ଏହି ପ୍ରତିମାମାନେ ଯେ କେବଳ ନୃତ୍ୟରେ ବ୍ୟବହୃତ ଭଙ୍ଗୀମାନଙ୍କର ଉଦାହରଣ ତାହା ନୁହେଁ, ବରଂ ଏମାନଙ୍କର ମୁଖର ଭାବ ମଧ୍ୟ ଶିଳ୍ପୀ ପାଇଁ ଅନୁଶୀଳନ ଯୋଗ୍ୟ। ନୃତ୍ୟରେ ଅଭିନୟକୁ ସମୃଦ୍ଧ କରିବା ପାଇଁ ଯାହା ଶୃଙ୍ଗାରିକତା, ସ୍ନେହ, ବାତ୍ସଲ୍ୟ, କରୁଣା, ମମତା, କଳାତ୍ମକତା ଆଦିର ଅନନ୍ୟ ଅଭିବ୍ୟକ୍ତି।



# ରଥରେ ଗାର୍ନ୍ଧବ କଳାର ସଂକେତ

କେବଳ ମନ୍ଦିର ଗାତ୍ରରେ ଖୋଦିତ ହୋଇଥିବା ପାଷାଣୀ ପ୍ରତିମାମାନେ ନୁହଁନ୍ତି, ବରଂ ଶ୍ରୀଜିଉମାନଙ୍କର ଘୋଷଯାତ୍ରା ପାଇଁ ନିର୍ମାଣ କରାଯାଉଥିବା ରଥତ୍ରୟରେ ମଧ୍ୟ ନୃତ୍ୟରତା ଦାରବୀ ମୂର୍ତ୍ତିମାନଙ୍କୁ ସଂଯୋଜିତ କରାଯାଏ। ଏହା କେବଳ ରଥର ସୌନ୍ଦର୍ଯ୍ୟକୁ ପରିବର୍ଦ୍ଧନ କରିବା ପାଇଁ ନୁହେଁ, ବରଂ ବିଶ୍ୱାସ କରାଯାଏ ଯେ ରଥ ପ୍ରତିଷ୍ଠା ପରେ ଏହି ନର୍ତ୍ତକୀମାନେ ପ୍ରାଣବନ୍ତ ହୋଇ ମହାପ୍ରଭୁଙ୍କ ସେବାରେ ନିଜକୁ ସମର୍ପିତ କରନ୍ତି। ନନ୍ଦିଘୋଷ ରଥ ଏବଂ ତାଳଧ୍ୱଜ ରଥର ଉପରବାଡ଼ର ଖୁଣ୍ଟିଗୁଡ଼ିକର ସମ୍ମୁଖ ଉପରି ଭାଗରେ ଛଅ ଗୋଟି ଏବଂ ପଶ୍ଚାତ୍ ଭାଗରେ ଚାରିଗୋଟି ଏପରି ଦଶଟି ଲେଖାଏଁ ଗାନ୍ଧର୍ବି ମୂର୍ତ୍ତି ସଂଯୁକ୍ତ ହେବା ବେଳେ, ଦର୍ପଦଳନ ରଥରେ ଆଠଗୋଟି ମୂର୍ତ୍ତି ବିରାଜମାନ କରନ୍ତି। ସେମାନେ ନୃତ୍ୟରତା ଓ ବାଦନରତା ଥାଇ ଏଇ ଉତ୍କଳୀୟ ମହାନ ଗାର୍ନ୍ଧବ କଳାର ପ୍ରଖ୍ୟାପିକା ସାଜିଥାନ୍ତି।

ଏତଦ୍‌ବ୍ୟତୀତ ମହାନଟ, ନୃତ୍ୟପ୍ରିୟ ଶ୍ରୀଜଗନ୍ନାଥଙ୍କର ଅନେକ ବେଶର ମଞ୍ଚ ରୂପାନ୍ତରଣ ଓଡ଼ିଶୀ ନୃତ୍ୟକୁ ସ୍ୱତନ୍ତ୍ର ଓ ଶାସ୍ତ୍ରୀୟ କରିବାରେ ସହାୟକ ହୋଇଛି ଏହା ଅନସ୍ୱୀକାର୍ଯ୍ୟ। ନୃତ୍ୟଶିଳ୍ପୀଟିଏ ଯେପରି ଚରିତ୍ରର ଆବଶ୍ୟକତାନୁଯାୟୀ ଭିନ୍ନ ଭିନ୍ନ ଭଙ୍ଗୀର, ବେଶର ସାହାଯ୍ୟ ନିଏ ଠିକ୍ ସେପରି ପଞ୍ଚଦଶ ଶତାବ୍ଦୀରେ ଶ୍ରୀଚୈତନ୍ୟଙ୍କ ଶ୍ରୀକ୍ଷେତ୍ରାଗମନ ପରେ ଯେତେବେଳେ ଶ୍ରୀକୃଷ୍ଣ ଚେତନା ଓ ଶ୍ରୀଜଗନ୍ନାଥ ଚେତନା ଏକ ଏବଂ ଅଭିନ୍ନ ବୋଲି ସର୍ବଜନ ଗୃହୀତ ହେଲା ଏବଂ କୃଷ୍ଣ ତଥା ରାମଲୀଳାର ଅନେକ ବେଶରେ ମହାପ୍ରଭୁ ମହାନଟର ନାମ ସିଂହାସନରେ ସାର୍ଥକ କଲେ, ତାହାର ଅନେକ ଭଙ୍ଗୀ ଏବଂ ବିନ୍ୟାସ ସାମ୍ପ୍ରତିକ ଓଡ଼ିଶୀ ନୃତ୍ୟରେ ବ୍ୟବହୃତ।

ଉତ୍କଳୀୟ କୂଳ ଦେବତା ଶ୍ରୀଜଗନ୍ନାଥ ଯେ ସ୍ୱୟଂ ନଟ, ନର୍ତ୍ତକ, ନଟବର, ନଟନାଗର ଓ ନଟ ରସିକ ଅଟନ୍ତି ଏଥିରେ ଦ୍ୱିମତ ନାହିଁ। ତାଙ୍କ ଅଙ୍ଗବିନ୍ୟାସରୁ ଓଡ଼ିଶୀ ନୃତ୍ୟ ମୁଖ୍ୟ ଭଙ୍ଗୀ ଚଉକ, କୃଷ୍ଣଙ୍କଠାରୁ ତ୍ରିଭଙ୍ଗ ଗୃହୀତ ହୋଇଛି ଓ ଏହି ଦୁଇ ଭଙ୍ଗୀ ମାଧ୍ୟମରେ ଆମ ଶୈଳୀ ଅନ୍ୟ ଶାସ୍ତ୍ରୀୟ ଶୈଳୀଠାରୁ ସ୍ୱତନ୍ତ୍ର ହୋଇପାରିଛି ଏହା ସର୍ବାଦୌ ଗ୍ରହଣୀୟ।

ଶ୍ରୀମନ୍ଦିର ଉତ୍କଳୀୟ ଭାସ୍କର୍ଯ୍ୟ କଳାର ଉତ୍ତୁଙ୍ଗତାକୁ ପ୍ରତିପାଦିତ କରି ତା'ର ସୁସ୍ପଷ୍ଟ ସ୍ୱାକ୍ଷରକୁ ବହନ କରିଛି ଯାହା ପ୍ରମାଣିତ ହୋଇଛି ମୁଖ୍ୟ ପ୍ରବେଶ ପଥ, ସିଂହଦ୍ୱାର, ଗୁମୁଟ ଉପରେ ଥିବା ଶ୍ରୀଦେବୀ। ଗୁମୁଟ ଲକ୍ଷ୍ମୀଙ୍କ ଉଭୟ ପାର୍ଶ୍ୱରେ ଥିବା ଗାନ୍ଧର୍ବକଳାର ପ୍ରଖ୍ୟାପିକା ପାଞ୍ଚଟି ଲେଖାଏଁ ମୋଟ ଦଶଟି ପାଷାଣୀ ନୃତ୍ୟ ପ୍ରତିମାଙ୍କ ଉପସ୍ଥିତିରୁ।



ବାସ୍ତବରେ ଓଡ଼ିଶାର ଅନ୍ୟତମ ପରିଚୟ 'ଓଡ଼ିଶୀ ନୃତ୍ୟ'ର ପ୍ରାମାଣିକ ତଥ୍ୟ ଓ ଶିଳା ଅଭିଧାନ ରୂପେ ଶ୍ରୀମନ୍ଦିର ଚିରକାଳ ଆମ ଆଧାର କେନ୍ଦ୍ର। ଶିଳାରୁ ଶିଳ୍ପୀ ଓ ମନ୍ଦିରାୟନରୁ ମଞ୍ଚାୟନ ପ୍ରକ୍ରିୟାର ପ୍ରାଚୀନ ଅଭିଲେଖାଗାର- ଏହା ସ୍ୱୀକାର୍ଯ୍ୟ। ■







ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଓ ଗବେଷକ , ଦଇତା ପଡ଼ା ସାହି, ପୁରୀ



# ଓଡ଼ିଶୀ ନୃତ୍ୟର କ୍ରମ ବିବର୍ତ୍ତନ

ଓଡ଼ିଶୀ ନୃତ୍ୟ ଭାରତର ସର୍ବପ୍ରାଚୀନ ଏବଂ ଗୀତିକବିତାପୂର୍ଣ୍ଣ ଶାସ୍ତ୍ରୀୟ ନୃତ୍ୟ ପରମ୍ପରା ମଧ୍ୟରୁ ଗୋଟିଏ, ଯାହା ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଐତିହ୍ୟର ଅବତାରଣା କରେ । ଏହାର ଉତ୍ପତ୍ତି ମନ୍ଦିର ପୂଜା, ଭକ୍ତିପୂର୍ଣ୍ଣ ରୀତିନୀତି ଏବଂ କାହାଣୀ କହିବା ସହିତ ଗଭୀର ଭାବରେ ଜଡ଼ିତ । ଯେତେବେଳେ ଏହାର ବିକାଶ ଶତାବ୍ଦୀର ରାଜନୈତିକ, ସାଂସ୍କୃତିକ ଏବଂ କଳାତ୍ମକ ପରିବର୍ତ୍ତନକୁ ବ୍ୟାପୀ ଥାଏ ।



ପଙ୍କଜ କୁମାର ପ୍ରଧାନ

## ପ୍ରାଚୀନ ଉତ୍ପତ୍ତି

ଓଡ଼ିଶୀ ନୃତ୍ୟ ଏହାର ମୂଳ ପୂର୍ବ ଉପକୂଳରେ ଥିବା ପ୍ରାଚୀନ ଭାରତୀୟ ରାଜ୍ୟ ଓଡ଼ିଶାକୁ ଚିହ୍ନଟ କରେ, ଯାହାର ଐତିହାସିକ ପ୍ରମାଣ ଦ୍ୱିତୀୟ ଶତାବ୍ଦୀ ଖ୍ରୀଷ୍ଟପୂର୍ବ ପର୍ଯ୍ୟନ୍ତ ପହଞ୍ଚିଥାଏ। ନୃତ୍ୟର ତାତ୍ତ୍ୱିକ ଭିତ୍ତିଭୂମି 'ନାଟ୍ୟ ଶାସ୍ତ୍ର'ରେ ରହିଛି। ଏହା ଭରତ ମୁନିଙ୍କ ଦ୍ୱାରା ଆଦୃତ ପ୍ରଦର୍ଶନ କଳା ଉପରେ ମୂଳ ସଂସ୍କୃତ ପାଠ୍ୟ। ଖ୍ରୀଷ୍ଟପୂର୍ବ ୨୦୦ ଏବଂ ୨୦୦ ଖ୍ରୀଷ୍ଟାବ୍ଦ (ସମ୍ଭବତଃ ୫୦୦ ଖ୍ରୀଷ୍ଟପୂର୍ବ ) ମଧ୍ୟରେ ଏହା ସଂକଳନ କରାଯାଇଥିଲା । ନାଟ୍ୟଶାସ୍ତ୍ର ମୌଳିକ ନୃତ୍ୟ ଏକକ ଏବଂ କୌଶଳ ବର୍ଣ୍ଣନା କରେ ଯାହା ଓଡ଼ିଶୀ ଏବଂ ଅନ୍ୟାନ୍ୟ ଶାସ୍ତ୍ରୀୟ ଭାରତୀୟ ନୃତ୍ୟ, ଯେପରିକି ୧୦୮ ମୌଳିକ ରୀତି (କରଣ) ସହିତ ସମାନ । ଓଡ଼ିଶୀ ମୂଳତଃ ଦୈନନ୍ଦିନ ପୂଜା ଏବଂ ଧାର୍ମିକ ସମାରୋହର ଅଂଶ ଭାବରେ ଓଡ଼ିଶାର ଦେବଦାସୀ (ମହିଳା ମନ୍ଦିର ନୃତ୍ୟଶିଳ୍ପୀ) ମହାରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ଏକ ମନ୍ଦିର ନୃତ୍ୟ ଭାବରେ ଉଭା ହୋଇଥିଲା । କୋଣାର୍କର ସୂର୍ଯ୍ୟ ମନ୍ଦିର ପରି ଓଡ଼ିଶାର ପ୍ରତୀକାତ୍ମକ ମନ୍ଦିରରେ ମୂର୍ତ୍ତି ଏବଂ ରିଲିଫ୍ ନର୍ତ୍ତକମାନଙ୍କୁ ବୈଶିଷ୍ଟ୍ୟପୂର୍ଣ୍ଣ ଓଡ଼ିଶୀ ଆସନରେ ଚିତ୍ରଣ କରେ, ଯାହା ଶତାବ୍ଦୀ ଧରି ନୃତ୍ୟର ପ୍ରାଚୀନ ଉପସ୍ଥିତି ଏବଂ ନିରନ୍ତରତାକୁ ପ୍ରମାଣିତ କରେ ।



## ଶାସ୍ତ୍ରୀୟ ଏବଂ ଆନୁଷ୍ଠାନିକ ଗଠନ

ଓଡ଼ିଶୀ ଶତାବ୍ଦୀ ଧରି ଏକ ଆନୁଷ୍ଠାନିକ ସଂରଚନା ବିକଶିତ କରିଥିଲା । ଏହାର ପ୍ରଦର୍ଶନ ଏକ ସଂରଚିତ କ୍ରମରେ ପାଳନ କରେ। ମଙ୍ଗଳାଚରଣ ସହିତ ଆରମ୍ଭ ହୁଏ। ଅର୍ଥାତ୍ ଏକ ଆନୁଷ୍ଠାନିକ ଆବାହନ, ଯାହା ମାତା ପୃଥିବୀକୁ ଫୁଲ ଅର୍ପଣ କରିଥାଏ, ତା'ପରେ ଦେବତା (ପ୍ରାୟତଃ ଗଣେଶ) ଙ୍କୁ ପ୍ରାର୍ଥନା ଏବଂ ଗୁରୁ ଏବଂ ଦର୍ଶକଙ୍କୁ ନମସ୍କାର କରାଯାଇଥାଏ । ଓଡ଼ିଶୀ ନୃତ୍ୟ ପରିବେଷଣ ମୁଖ୍ୟତଃ ପାଞ୍ଚଟି ଅଂଶକୁ ନେଇ ଗଠିତ । ମଙ୍ଗଳାଚରଣ (ଆବାହନ), ବଟୁ (ଶୁଦ୍ଧ ନୃତ୍ୟ/ନୃତ୍ୟ), ପଲ୍ଲବୀ (ସଂଗୀତ ଏବଂ ଗତିକୁ ଅନୁସନ୍ଧାନ କରୁଥିବା ବିସ୍ତୃତ ନୃତ ଖଣ୍ଡ), ଅଭିନୟ (ଭାବପ୍ରବଣ କାହାଣୀ / ନୃତ୍ୟ) ଓ ମୋକ୍ଷ (ଆଧ୍ୟାତ୍ମିକ ମୁକ୍ତିକୁ ପ୍ରତିନିଧିତ୍ୱ କରୁଥିବା ଶେଷ ଖଣ୍ଡ) । ଓଡ଼ିଶୀ ଇନ୍ଦ୍ରିୟଗତ ଏବଂ ଗୀତିକ ଶୈଳୀ ପାଇଁ ପ୍ରସିଦ୍ଧ। ସୁନ୍ଦର ଗତିବିଧି, ଜଟିଳ ପାଦଚଲା, ପ୍ରକାଶ୍ୟ ଅଙ୍ଗଭଙ୍ଗୀ (ଅଭିନୟ) ଏବଂ ଗତିଶୀଳ ଶରୀରର ବିଭିନ୍ନ ଭଙ୍ଗୀ ଦ୍ୱାରା ପ୍ରଦର୍ଶିତ । ଏହି ନୃତ୍ୟ ପ୍ରେମ, ଭକ୍ତି ଏବଂ ଆଧ୍ୟାତ୍ମିକତାର ମାନବ, ଦିବ୍ୟ ଦିଗକୁ ପ୍ରତିନିଧିତ୍ୱ କରେ ।



## ମଧ୍ୟଯୁଗୀୟ ବିବର୍ତ୍ତନ ଏବଂ ମନ୍ଦିର ପୃଷ୍ଠପୋଷକତା

ଓଡ଼ିଶାର ମଧ୍ୟଯୁଗୀୟ ଶାସକମାନେ, ବିଶେଷକରି ଗଙ୍ଗ ରାଜବଂଶ (୧୧ଶ-୧୫ଶ ଶତାବ୍ଦୀ), ଓଡ଼ିଶୀ ନୃତ୍ୟର ସଂରକ୍ଷଣ, ପ୍ରଚାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସେମାନଙ୍କ ପୃଷ୍ଠପୋଷକତା ମନ୍ଦିର ମୂର୍ତ୍ତିର କାର୍ଯ୍ୟାନ୍ୱୟନ, ମନ୍ଦିର ରୀତିନୀତି ଏବଂ ପର୍ବପର୍ବାଣିରେ ନୃତ୍ୟର ସମନ୍ୱୟକୁ ସୁନିଶ୍ଚିତ କରିଥିଲା । ଯାହା ଏହି ଅଞ୍ଚଳର ଧାର୍ମିକ, ସାଂସ୍କୃତିକ ଦୃଶ୍ୟପଟ୍ଟରେ ଓଡ଼ିଶୀକୁ ଉଚ୍ଚ କରିଥିଲା । ମଧ୍ୟଯୁଗୀୟ ଯୁଗରେ, ଓଡ଼ିଶୀ କଳାତ୍ମକ ଏବଂ ଗଠନମୂଳକ ଭାବରେ ବିକଶିତ ହୋଇଥିଲା । ମାହାରୀ ପରମ୍ପରା ସମୃଦ୍ଧ ହୋଇଥିଲା, ନୃତ୍ୟଶିଳ୍ପୀମାନେ ଶୁଦ୍ଧ ନୃତ୍ୟ, ଭାବପ୍ରବଣ କାହାଣୀ (ଅଭିନୟ) ପରିବେଷଣ କରୁଥିଲେ ଯାହା ପୌରାଣିକ ବିଷୟବସ୍ତୁ, ଭକ୍ତି କବିତା, ପବିତ୍ର କାହାଣୀଗୁଡ଼ିକୁ ବ୍ୟାଖ୍ୟା କରୁଥିଲା । ମୁଖ୍ୟତଃ ବୈଷ୍ଣବ ଧର୍ମ, କୃଷ୍ଣ, ଶିବ ଏବଂ ସୂର୍ଯ୍ୟ ପରି ଦେବତାଙ୍କ ପୂଜା ଦ୍ୱାରା ଅନୁପ୍ରାଣିତ ।




## ଗୋଟିପୁଅ ପରମ୍ପରା ଓ ବିସ୍ତାର


୧୭ ଶ ଶତାବ୍ଦୀରେ ରାଜା ରାମଚନ୍ଦ୍ରଦେବ ଏବଂ ଖୋର୍ଦ୍ଧାର ଶାସକମାନଙ୍କ ପୃଷ୍ଠପୋଷକତାରେ ଓଡ଼ିଶୀରେ ଏକ ପ୍ରମୁଖ ପରିବର୍ତ୍ତନ ଦେଖାଯାଇଥିଲା। ଗୋଟିପୁଅ ପରମ୍ପରାର ଉଦୟ ହୋଇଥିଲା, ଯେଉଁଥିରେ ବାଳକ କିମ୍ବା ଯୁବକ ପୁରୁଷ ନର୍ତ୍ତକୀମାନେ ମହିଳା ପୋଷାକ ପିନ୍ଧି ଗୋଟିପୁଅ ନୃତ୍ୟ ପରିବେଷଣ କରୁଥିଲେ। ଗୋଟିପୁଅମାନେ ଆକ୍ରୋବେଟିକ୍ ଚାଳନା ଏବଂ ସାମରିକ କଳା (ଆଖଣ୍ଡ) ଅନ୍ତର୍ଭୁକ୍ତ କରିଥିଲେ। ଏହାର ପ୍ରସାରଣ କରିଥିଲେ ଏବଂ ଯୁବକମାନଙ୍କୁ ସାମରିକ ଅଭ୍ୟାସ ପାଇଁ ଶାରୀରିକ ତାଲିମ ଦେଇଥିଲେ ମନ୍ଦିର ଉତ୍ସବ ଏବଂ ସାର୍ବଜନୀନ ମେଳାର ଏକ ଅଂଶ ଭାବରେ। ଯେତେବେଳେ ଗୋଟିପୁଅମାନେ ଲୋକକ୍ରୀଡ଼ା ଏବଂ ପ୍ରକାଶନକୁ ମିଶ୍ରଣ କରି କଳାକୁ ସମୃଦ୍ଧ କରିଥିଲେ, ସେତେବେଳେ ମାହାରୀମାନେ ମନ୍ଦିରରେ ସେବା ଜାରି ରଖିଥିଲେ। ସମୟ ସହିତ ପାରମ୍ପରିକ ମନ୍ଦିର ପ୍ରଥା ପରିବର୍ତ୍ତନ ହୋଇଥିଲେ ମଧ୍ୟ ଏହି ବିକାଶଗୁଡ଼ିକ ଓଡ଼ିଶୀର ବଞ୍ଚିବା ଏବଂ ସାର୍ବଜନୀନ ଆକର୍ଷଣକୁ ସୁନିଶ୍ଚିତ କରିଥିଲା।

## ସ୍ୱାଧୀନତା ପରବର୍ତ୍ତୀ ପୁନରୁଦ୍ଧାର

ଭାରତର ସ୍ୱାଧୀନତା ପରେ ବିଂଶ ଶତାବ୍ଦୀର ମଧ୍ୟଭାଗରେ ଓଡ଼ିଶୀ ନୃତ୍ୟର ଏକ ପ୍ରମୁଖ ପୁନରୁଦ୍ଧାର ଆରମ୍ଭ ହୋଇଥିଲା। ସାଂସ୍କୃତିକ ବିଦ୍ୱାନ, ନୃତ୍ୟଶିଳ୍ପୀ ଏବଂ ସଂଗୀତଜ୍ଞମାନେ ପ୍ରାଚୀନ ଗ୍ରନ୍ଥ, ମନ୍ଦିର ମୂର୍ତ୍ତି ଏବଂ ମୌଖିକ ପରମ୍ପରା ଅଧ୍ୟୟନ କରି ନୃତ୍ୟର ପାରମ୍ପରିକ ରୂପଗୁଡ଼ିକକୁ ପୁନଃନିର୍ମାଣ ଏବଂ ସଂହିତାବଦ୍ଧ କରିବା ପାଇଁ କାର୍ଯ୍ୟ କରିଥିଲେ। ଗୁରୁ କେଲୁଚରଣ ମହାପାତ୍ର, ଗୁରୁ ପଙ୍କଜ ଚରଣ ଦାସ ଏବଂ ଗୁରୁ ଦେବ ପ୍ରସାଦ ଦାସଙ୍କ ଭଳି ପ୍ରମୁଖ ବ୍ୟକ୍ତିତ୍ୱମାନେ କଠିନ ପରିଶ୍ରମର ସହିତ ପ୍ରଦର୍ଶନ ଅଭ୍ୟାସକୁ ପୁନର୍ଜୀବିତ କରିଥିଲେ। ଓଡ଼ିଶୀ ସଙ୍ଗୀତର ତାଳ ଏବଂ ଗଠନକୁ ପୁନଃସ୍ଥାପିତ କରିଥିଲେ। ମହିଳା ଏବଂ ପୁରୁଷ ଉଭୟଙ୍କ ସମେତ ନୂତନ ପିଢ଼ିର ନୃତ୍ୟଶିଳ୍ପୀଙ୍କୁ ତାଲିମ ଦେଇଥିଲେ। ଏହି ନୃତ୍ୟକୁ ଆନୁଷ୍ଠାନିକ ଭାବରେ ଭାରତର ଆଠଟି ଶାସ୍ତ୍ରୀୟ ନୃତ୍ୟ ମଧ୍ୟରୁ ଗୋଟିଏ ଭାବରେ ସ୍ୱୀକୃତି ଦିଆଯାଇଥିଲା। ଭାରତ ଓ ସାରା ବିଶ୍ୱରେ ଏହାର ଶିକ୍ଷା, ଗବେଷଣା ଏବଂ ପ୍ରଦର୍ଶନକୁ ପ୍ରୋତ୍ସାହିତ କରିବା ପାଇଁ ଅନୁଷ୍ଠାନ ମଧ୍ୟ ପ୍ରତିଷ୍ଠା କରାଯାଇଥିଲା। ଓଡ଼ିଶୀ ସହିତ ସଂଗୀତ ହେଉଛି ଓଡ଼ିଶାର ଶାସ୍ତ୍ରୀୟ ସଙ୍ଗୀତ, ଯାହା ପ୍ରତ୍ୟେକ ଖଣ୍ଡର ସୌନ୍ଦର୍ଯ୍ୟ ଏବଂ ଭାବପ୍ରବଣ ଉଦ୍ଦେଶ୍ୟ ସହିତ ଗୀତ, ତାଳ ଏବଂ ସ୍ୱରକୁ ସମନ୍ୱିତ କରିଥାଏ।



କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ



ଗୁରୁ ପଙ୍କଜ ଚରଣ ଦାସ




ଗୁରୁ ଦେବ ପ୍ରସାଦ ଦାସ




## ଓଡ଼ିଶୀର କଳାତ୍ମକ ବୈଶିଷ୍ଟ୍ୟ

- ତ୍ରିଭଙ୍ଗୀ – ଶିର, ବକ୍ଷ ଓ ନିତମ୍ବ ନିକଟରେ ତିନୋଟି ଭାଙ୍ଗ।
- କଥା ଏବଂ ଭାବନା ପ୍ରକାଶ କରିବା ପାଇଁ ମୁଦ୍ରା (ହାତ ଇଙ୍ଗିତ) ବ୍ୟବହାର
- ଭାବପ୍ରବଣ ଅଭିନୟ (ମୁଖ ଭାବ ଏବଂ ଅଭିନୟ)।
- ସାବଲୀଳ ଗତି, ଜଟିଳ ପାଦ କାର୍ଯ୍ୟ, ଯାହା ପାଦ ଭେଦ ଭାବରେ ଜଣାଯାଏ।
- ନୃତ୍ୟ ନାଟକ, ଗୋଷ୍ଠୀ ଉପସ୍ଥାପନା, ଏକକ ପ୍ରଦର୍ଶନ, ରାମାୟଣ, ମହାଭାରତ ଏବଂ ପୁରାଣ କାହାଣୀର ଏପିସୋଡ୍ ଚିତ୍ରଣ।







ଆଜି ଓଡ଼ିଶୀ ବିଶ୍ୱବ୍ୟାପୀ ପ୍ରମୁଖ ମଞ୍ଚରେ ପରିବେଷଣ କରାଯାଉଛି। ଉତ୍ସର୍ଗୀକୃତ ଏକାଡେମୀରେ ଶିକ୍ଷା ଦିଆଯାଏ। ପ୍ରାଚୀନ ଆଧ୍ୟାତ୍ମିକତାକୁ ସମସାମୟିକ ସୃଜନଶୀଳତା ସହିତ ମିଶ୍ରଣ କରିବାର କ୍ଷମତା ପାଇଁ ପାଳନ କରାଯାଏ। ଏହା ସାଂସ୍କୃତିକ ପ୍ରକାଶନର ଏକ ଗୁରୁତ୍ୱପୂର୍ଣ୍ଣ ରୂପ ହୋଇ ରହିଛି, ଯାହା ଭକ୍ତି, ଶାରୀରିକ ଗୁଣ ଏବଂ କଳାତ୍ମକ ଅନୁଗ୍ରହର ଉଦ୍ଦୀପକ ମିଶ୍ରଣ ମାଧ୍ୟମରେ ଓଡ଼ିଶାର ଐତିହ୍ୟକୁ ବିଶ୍ୱ ଦର୍ଶକଙ୍କ ସହିତ ସଂଯୋଗ କରେ।

ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଭାରତ-ବର୍ଷରେ ସାଂସ୍କୃତିକ ଆନ୍ଦୋଳନ ଦେଖାଯାଇଥିଲା। ସମୁଦ୍ରମନ୍ଥନରୁ ଐରାବତ, ଅମୃତ ଯେପରି ଲବ୍ଧ ହୋଇଥିଲା। ସର୍ବ ଭାରତୀୟସ୍ତରରେ ସାଂସ୍କୃତିକ ଆନ୍ଦୋଳନରୁ ଚାରିଗୋଟି ଅମୂଲ୍ୟ ରତ୍ନ ରୂପେ କଥିତ ଶାସ୍ତ୍ରୀୟ ନୃତ୍ୟ ସର୍ବଜନସମାଦୃତ ହେଲା।

ବିଲୁପ୍ତହୋଇପଡ଼ି ରହିଥିବା ଶାସ୍ତ୍ରୀୟନୃତ୍ୟଶ୍ରେଣୀକୁ କେତେକ ବୁଦ୍ଧିଜୀବୀ, ପଣ୍ଡିତ ବ୍ୟକ୍ତି ନିଜର ସାଧନା ବଳରେ ପୁନଃରୁତ୍‌ଥାନ କରାଇ ସମାଜରେ ସେଗୁଡ଼ିକକୁ ପ୍ରତିଷ୍ଠିତ କରାଇ ପାରିଥିଲେ। ସେହି ଚାରିଗୋଟି ଶାସ୍ତ୍ରୀୟ ନୃତ୍ୟ ଯଥାକ୍ରମେ ଭରତନାଟ୍ୟମ୍, କଥକ, ମଣିପୁରୀ ଓ କଥାକଳି। ଏହି ନବ ଜାଗରଣର ପ୍ରଭାବ ଓଡ଼ିଶାରେ ମଧ୍ୟ ପଡ଼ିଲା। ମାତ୍ର କଳା ପ୍ରାଚୁର୍ଯ୍ୟତାର ଗନ୍ତାଘର ଓଡ଼ିଶା ସେତେବେଳେ ନୃତ୍ୟ ସଙ୍ଗୀତ ପରିଚର୍ଯ୍ୟାଠାରୁ ଯଥେଷ୍ଟ ଦୂରେଇ ରହିଥିଲା। ଓଡ଼ିଶାର ନୃତ୍ୟ ସଙ୍ଗୀତର ପ୍ରାଚୀନ ମଞ୍ଚ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ଅତିପ୍ରିୟ ମାହାରୀ ସେବା ଦୁର୍ବଳ ହୋଇଯାଇଥିଲା। ନିଜର ଭରଣପୋଷଣ ନିମିତ୍ତ ଅସହାୟ ମାହାରୀମାନେ ମନ୍ଦିର ନୃତ୍ୟ ସେବା ରହିତ ହୋଇ, ନିଜ ବାସଗୃହରେ ବଡ଼ ବଡ଼ ଜମିଦାର ଓ ସମାଜର ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କ ମନୋରଞ୍ଜନ ନିମିତ୍ତ ନୃତ୍ୟ ପରିବେଷଣ କରୁଥିଲେ।

## ଓଡ଼ିଶୀ ନୃତ୍ୟର ଗୁରୁଶିଷ୍ୟ ପରମ୍ପରା



ଗୁରୁ କେଲୁଚରଣ ମହାପାତ୍ର

କେବଳ ଗୋଟିପୁଅ ନୃତ୍ୟଗୁରୁମାନେ ଓଡ଼ିଶାର ନୃତ୍ୟଧାରାକୁ ସାଧାରଣ ଜନମାନସରେ ଉଦ୍‌ଜୀବିତ କରି ରଖିଥିଲେ। ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର, ବ୍ରହ୍ମଗିରୀ, ପ୍ରଭୃତି ଅଞ୍ଚଳରେ ବହୁ ଗୋଟିପୁଅ ନୃତ୍ୟଦଳ ଗଠିତ ହୋଇଥିଲା। ଯେଉଁ ମହାନ ବ୍ୟକ୍ତି ବିଶେଷଙ୍କ ଆପ୍ରାଣ ଉଦ୍ୟମ, ବଳିଷ୍ଠ ନେତୃତ୍ୱ, କଠିନ ଶ୍ରମ ଓ ସାଧନା ଦ୍ୱାରା ଆଜିର ଓଡ଼ିଶୀ ନୃତ୍ୟ ବିଶ୍ୱ ବିଦିତ ଓ ପ୍ରତିଷ୍ଠିତ, ସେମାନଙ୍କ ବିଷୟରେ ସଂକ୍ଷେପରେ କିଛି ତଥ୍ୟ ଏଠାରେ ପ୍ରକାଶ କରିବା, ପ୍ରାସଙ୍ଗିକ ମନେ କରୁଛି। ପ୍ରଥମ ସ୍ମରଣୀୟ ବ୍ୟକ୍ତିବିଶେଷମାନେ ଆଜି ଜୀବିତ ନାହାନ୍ତି, ତଥାପି ସେମାନଙ୍କର ସ୍ମୃତିଚାରଣ ପ୍ରତ୍ୟେକ ନୃତ୍ୟସଂଗୀତ ଶିଳ୍ପୀ ତଥା ଅନୁରାଗୀମାନଙ୍କର ସର୍ବାଦୌ କର୍ତ୍ତବ୍ୟ।

ଓଡ଼ିଶୀ ନୃତ୍ୟକୁ ଏକ ଶାସ୍ତ୍ରୀୟ ମର୍ଯ୍ୟାଦା ସମ୍ପନ୍ନ ନୃତ୍ୟରେ ପରିଣତ କରିବାରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ବାବୁଲାଲ ଯୋଷୀ, ବାଉରୀବନ୍ଧୁ ମହାନ୍ତି, କାଶିନାଥ ସାହୁ, କୃଷ୍ଣଚନ୍ଦ୍ର ମହାପାତ୍ର, ସୁରେନ୍ ମହାନ୍ତି, ଅଜିତ୍ ଘୋଷ, ବନବିହାରୀ ମାଇତି, ଦୟାଲ ଶରଣ, ଦୁର୍ଲଭ ସିଂ, ମିନତି ମିଶ୍ର, ପଙ୍କଜ ଚରଣ ଦାସ, କେଲୁ ଚରଣ ମହାପାତ୍ର, ଦେବ ପ୍ରସାଦ ଦାସ, ଦୟାନିଧି ଦାସ, ଧୀରେନ୍ଦ୍ର ନାଥ ପଟ୍ଟନାୟକ, ଜୟନ୍ତୀ ଘୋଷ, ମାୟାଧର ରାଉତ, ଗଙ୍ଗାଧର ପ୍ରଧାନ, ଗୋପୀକୃଷ୍ଣ ବେହେରା, ସଂଯୁକ୍ତା ପାଣିଗ୍ରାହୀ, ରଘୁନାଥ ଦତ୍ତ, ବାଳକୃଷ୍ଣ ଦାଶ, ଭୁବନେଶ୍ୱର ମିଶ୍ର, ହରିହର ପଣ୍ଡା, ଶ୍ୟାମସୁନ୍ଦର କର ପ୍ରମୁଖଙ୍କ ଭୂମିକା ଏକାନ୍ତ ଉଲ୍ଲେଖନୀୟ। ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର ଦିଗରେ ଏମାନଙ୍କ ଅବଦାନ ଚିର ସ୍ମରଣୀୟ। ସେଥିପାଇଁ ଏହି ମହାନ ଗୁରୁମାନେ ଚିର ନମସ୍ୟ ଓ ପୂଜ୍ୟ। ପ୍ରଥମ ପିଢ଼ିର ତିନିଜଣ ଗୁରୁ ଦେବ ପ୍ରସାଦ ଦାସ, କେଲୁଚରଣ ମହାପାତ୍ର ଓ ପଙ୍କଜ ଚରଣ ଦାସ ଓଡ଼ିଶୀ ନୃତ୍ୟର ପ୍ରଧାନ କ୍ରିୟାତ୍ମକ ପର୍ଯ୍ୟାୟଗୁଡ଼ିକକୁ ବ୍ୟାପକ ଓ ବ୍ୟାକରଣବଦ୍ଧ କରି ସର୍ବଭାରତୀୟସ୍ତରରେ ଅନ୍ୟାନ୍ୟ ଶାସ୍ତ୍ରୀୟ ନୃତ୍ୟଗୁଡ଼ିକର ସମକକ୍ଷ କରାଇ, ଅନେକ ଖ୍ୟାତନାମା ଛାତ୍ରଛାତ୍ରୀ ସୃଷ୍ଟି କରିଛନ୍ତି।


## ଔପନିବେଶିକ ଶାସନ ସମୟରେ ଓଡ଼ିଶୀର ଅବନତି

୧୮ ଶ ଏବଂ ୧୯ ଶ ଶତାବ୍ଦୀରେ ବ୍ରିଟିଶ୍ ଔପନିବେଶିକ ଶାସନ ସମୟରେ ଅନ୍ୟାନ୍ୟ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ସହିତ ଓଡ଼ିଶୀର ମଧ୍ୟମ ହ୍ରାସ ଘଟିଥିଲା। ମିଶନାରୀ କାର୍ଯ୍ୟକଳାପ ଏବଂ ଔପନିବେଶିକ ନୀତି ମନ୍ଦିର ନୃତ୍ୟକୁ ନିରୁତ୍ସାହିତ କରିଥିଲା। ଶ୍ରୀମନ୍ଦିରର ଦେବଦାସୀ ପରମ୍ପରାକୁ ଅଣଦେଖା କରାଯାଇଥିଲା। ଆର୍ଥିକ କଷ୍ଟ ଏବଂ ପରିବର୍ତ୍ତନଶୀଳ ସାମାଜିକ ମାନଦଣ୍ଡ ଓଡ଼ିଶୀର ପ୍ରଚଳନକୁ ଆହୁରି ହ୍ରାସ କରିଥିଲା। କିଛି ସମୟ ପାଇଁ, ନୃତ୍ୟଟି ମୁଖ୍ୟତଃ ଗୋଟିପୁଅଙ୍କ ପ୍ରୟାସ ଏବଂ ଗ୍ରାମୀଣ ସମ୍ପ୍ରଦାୟରେ ସଂରକ୍ଷଣ ମାଧ୍ୟମରେ ବଞ୍ଚି ରହିଥିଲା।



ଓଡ଼ିଶୀ ନୃତ୍ୟର ଉତ୍ପତ୍ତି, ବିକାଶ ଧର୍ମ, କଳା, ଇତିହାସର ଗତିଶୀଳ ଆନ୍ତରିକତାକୁ ପ୍ରତିଫଳିତ କରେ। ମନ୍ଦିରର ରୀତିନୀତି, ମୂର୍ତ୍ତିକଳାରୁ ଏହାର ପ୍ରାଚୀନ ମୂଳରୁ ଆରମ୍ଭ କରି, ରାଜକୀୟ ପୃଷ୍ଠପୋଷକତା, ଏହାର ଅନୁକୂଳ ଏବଂ ପ୍ରସାର ମାଧ୍ୟମରେ, ଔପନିବେଶିକ ଦମନ ଏବଂ ଶେଷ ନବଜାଗରଣର ସାମ୍ନାରେ ଏହାର ସ୍ଥିରତା ପର୍ଯ୍ୟନ୍ତ – ଓଡ଼ିଶୀ ନୃତ୍ୟର ଯାତ୍ରା ପରମ୍ପରା, ନବସୃଜନ ଏବଂ ସାଂସ୍କୃତିକ ଆବେଗର ସ୍ଥାୟୀ ଶକ୍ତିର ଏକ ପ୍ରେରଣାଦାୟକ ପ୍ରମାଣ। ■

ଓଡ଼ିଶୀ ନୃତ୍ୟ ଶିଳ୍ପୀ, ଭୁବନେଶ୍ୱର



# ଶ୍ରୀଜଗନ୍ନାଥ ସଂସ୍କୃତିରେ ଓଡ଼ିଶୀ ନୃତ୍ୟ



ଡକ୍ଟର ଅଭିମନ୍ୟୁ ବରାଳ

"ଯୋ ଦାରୁବ୍ରହ୍ମ ମୂର୍ତ୍ତି ପ୍ରଣବତନୁଧରଃ, ସର୍ବବେଦାନ୍ତ ସାରଃ ।
ଭକ୍ତାନାଂ କଳ୍ପବୃକ୍ଷୋ ଭବଜଳ ତରଣି, ସର୍ବତତ୍ତ୍ୱାନୁତତ୍ତ୍ୱମ୍ ॥"

ଓଡ଼ିଶାର ଧର୍ମ, ଦର୍ଶନ, ସାହିତ୍ୟ, ସଂସ୍କୃତି ସବୁ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ । ଶ୍ରୀଜଗନ୍ନାଥ ହିଁ ଓଡ଼ିଶାର ପ୍ରକୃତ ପରିଚୟ। ଓଡ଼ିଶାର ସଂଗୀତ, ନୃତ୍ୟ, ସାହିତ୍ୟ ସବୁ କିଛି ଶ୍ରୀଜଗନ୍ନାଥ ମନ୍ଦିର ସହିତ ଅନୁବନ୍ଧିତ ଓ ଜଡ଼ିତ। ଯେଉଁ ଅଞ୍ଚଳକୁ ଏବେ ଓଡ଼ିଶା କୁହାଯାଉଛି, ସେଠାରେ ପ୍ରାଚୀନ କାଳରୁ ଯେଉଁ ନୃତ୍ୟ ଓ ସଙ୍ଗୀତର ପରମ୍ପରା ପ୍ରବାହିତ ହୋଇଆସୁଥିଲା, ସେହିସ୍ରୋତ ଆଜି ଶାସ୍ତ୍ରୀୟ, ଓଡ଼ିଶୀ ନୃତ୍ୟ ଓ ଓଡ଼ିଶୀ ସଙ୍ଗୀତ । ଯେଉଁ ସଙ୍ଗୀତକୁ ପୂର୍ବରୁ 'ଉଡ୍ର ମାଗଧୀ' ବା 'କଳିଙ୍ଗ ନୃତ୍ୟ ଓ ସଙ୍ଗୀତ' କୁହାଯାଉଥିଲା । ଏହା ରାମାୟଣ କାଳରୁ ଦଣ୍ଡକାରଣ୍ୟ ତଥା ଦାକ୍ଷିଣତ୍ୟରେ ମଧ୍ୟ ବିସ୍ତାର ଲାଭ କରିଥିଲା ।

ଅତୀତ ଇତିହାସକୁ ଅନୁଧ୍ୟାନ କଲେ ପ୍ରାଚୀନ ଉତ୍କଳର ବଳିଷ୍ଠ ତଥା ମହାନ୍ କଳା- ସଂସ୍କୃତି ବିଷୟରେ ବେଶ୍ ଅବଗ୍ଭାତ ହୁଏ । ଏହି ମହାନ ସଂସ୍କୃତି କେବଳ ଖାଲି ଓଡ଼ିଶା ଭିତରେ ସୀମିତ ନଥିଲା । ସୁଦୂର ଜାଭା, ସୁମାତ୍ରା, ବର୍ଣ୍ଣିଓ, ବାଲି ପ୍ରଭୃତି ସାଗର ପାରି ଦେଶଗୁଡ଼ିକରେ ମଧ୍ୟ ଏହି ସଂସ୍କୃତି ପ୍ରସାର ତଥା ପରିବ୍ୟାପ୍ତ ହୋଇଥିଲା। ଓଡ଼ିଆ ସାଧବ ପୁଅମାନେ ବୋଇତ ବାଣିଜ୍ୟରେ ଯାଇ ଆମ ସଂସ୍କୃତିର ପ୍ରସାର କରିଥିଲେ। ଏବେ ମଧ୍ୟ ସେହି ଦ୍ୱୀପଗୁଡ଼ିକରେ ଆମ ସଂସ୍କୃତିର ଜ୍ୱଳନ୍ତ ଆଲେଖ୍ୟ ଦୃଷ୍ଟି ଗୋଚର ହୋଇଥାଏ ।

## ଓଡ଼ିଶୀ ନୃତ୍ୟର ମୌଳିକ ପରମ୍ପରା

ନୃତ୍ୟ ଓ ସଙ୍ଗୀତ ଚର୍ଚ୍ଚାରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର । ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ଓଡ଼ିଶାର ଏକ ମୌଳିକ ସାଂସ୍କୃତିକ ପରମ୍ପରା । ମନ୍ଦିର ଗାତ୍ରରେ ପାଷାଣ ଅଙ୍ଗରେ ନୃତ୍ୟରତା ନର୍ତ୍ତକୀର ଖୋଦିତ ଦିବ୍ୟ ସ୍ୱରୂପକୁ ଦେଖିଲେ, ଶତାବ୍ଦୀ ଶତାବ୍ଦୀ ଧରି ଓଡ଼ିଶାର ବଳିଷ୍ଠ ନୃତ୍ୟ ପରମ୍ପରା ସମ୍ପର୍କରେ ସ୍ପଷ୍ଟ ପ୍ରତୀତ ହୋଇଯାଏ । ଓଡ଼ିଶା ଭୂମିରେ ଖାଲି ଓଡ଼ିଶୀ ନୃତ୍ୟ ନୁହେଁ- ଆଞ୍ଚଳିକତା ଭେଦରେ ମଧ୍ୟ ବହୁ ପ୍ରକାରର ନୃତ୍ୟ ପ୍ରଚଳିତ । ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ ନୃତ୍ୟ, ମୟୂରଭଞ୍ଜର ଛଉ ନୃତ୍ୟ ଓ ପୁରୀ ଜିଲ୍ଲାର ଗୋଟିପୁଅ ନୃତ୍ୟ ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ।


ଷୋଡ଼ଶ ଶତାବ୍ଦୀର ଶେଷ ଭାଗରେ ଗୋଟିପୁଅ ନୃତ୍ୟ ପରମ୍ପରା ଓଡ଼ିଶାରେ ଆରମ୍ଭ ହୋଇଥିଲା । ବିଶ୍ୱାସ କରାଯାଏ ଯେ, ତତ୍କାଳୀନ ଖୋର୍ଦ୍ଧାର ଗଜପତି ରାଜା ରାମଚନ୍ଦ୍ର ଦେବ ଗୋଟିପୁଅ ନୃତ୍ୟର ପ୍ରସାର ପାଇଁ ଉଦ୍ୟମ କରିଥିଲେ । ତାଙ୍କ ରାଜତ୍ୱ କାଳରେ ହିଁ ଗୋଟିପୁଅ ନୃତ୍ୟର ପ୍ରବର୍ତ୍ତନ ହୋଇଥିଲା । ତାଙ୍କ ସମୟରେ କେବଳ ମନ୍ଦିର କାର୍ଯ୍ୟରେ ସମ୍ପୃକ୍ତ ମାହାରୀ ବା ଦେବଦାସୀମାନେ ରାଜ ଦରବାରରେ ପୃଷ୍ଠପୋଷକତା ଲାଭ କଲେ । ମାହାରୀ ଓ ଗୋଟିପୁଅ ନୃତ୍ୟର ମିଶ୍ରଣରେ ଓଡ଼ିଶୀ ନୃତ୍ୟ ସୃଷ୍ଟି ହେଲା । ଏହି ମାହାରୀ ବା ଦେବଦାସୀ ପରମ୍ପରା ତ୍ରୟୋଦଶ ଶତାବ୍ଦୀରେ ଗୋସ୍ୱାମୀ କବି ଜୟଦେବଙ୍କ ସମୟରୁ ପ୍ରଚଳିତ ଥିଲା ।




## ଓଡ଼ିଶୀ ନୃତ୍ୟର ପ୍ରାଚୀନତାର ପ୍ରମାଣ

ସୂର୍ଯ୍ୟ ବଂଶର ପ୍ରତିଷ୍ଠାତା ଗଜପତି କପିଳେନ୍ଦ୍ର ଦେବଙ୍କ ସମୟକୁ ଓଡ଼ିଆ ପଦାବଳୀ ଯୁକ୍ତ ଓଡ଼ିଶୀ ସଂଗୀତ ସୁଦୂର ପ୍ରସାରୀ ନୃତ୍ୟ ହୋଇ ସାରିଥିଲା । ଏହି ସଙ୍ଗୀତକୁ ଆଧାର କରି ଓଡ଼ିଶୀ ନୃତ୍ୟଙ୍ଗନାମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଥିଲେ। ଓଡ଼ିଶାବାସୀଙ୍କ ଜୀବନ ମଧ୍ୟ ଛନ୍ଦମୟ, ସଂଗୀତମୟ, ମନ୍ଦିରଗୁଡ଼ିକରେ ନିର୍ମିତ ନାଟ୍ୟ ମଣ୍ଡପ ଓ ମନ୍ଦିର ଗାତ୍ରରେ ଖୋଦିତ ନର୍ତ୍ତକ, ନର୍ତ୍ତକୀ, ବାଦ୍ୟବାଦନ ମୂର୍ତ୍ତି, ଗ୍ରାମଗୁଡ଼ିକରେ ଆଖଡ଼ାଘର ଓ ପୁରାଣ ସଙ୍ଗୀତ ଚର୍ଚ୍ଚା ପାଇଁ ଗଠିତ ଭାଗବତ ଟୁଙ୍ଗୀ ଓଡ଼ିଶୀ ସଂଗୀତ ଓ ଓଡ଼ିଶୀ ନୃତ୍ୟ ପରମ୍ପରାର ପ୍ରମାଣ । ଓଡ଼ିଶାର ସଂସ୍କୃତି ହିଁ ଜଗନ୍ନାଥ ସଂସ୍କୃତି, ଯାହାକି ଓଡ଼ିଶାର ଜନଜୀବନରେ ପ୍ରତିଫଳିତ ।


ଇଂରେଜ ସରକାରଙ୍କର ଜଣେ ପଦସ୍ଥ ଅଧିକାରୀ ଓଡ଼ିଶାର ପ୍ରଶସ୍ତି ସହିତ ତତ୍କାଳୀନ ଗଜପତି ମହାରାଜାଙ୍କୁ ଇଂରାଜୀରେ ଯେଉଁ ପତ୍ରଟି ଲେଖିଥିଲେ ପଦ୍ୟାକାରରେ ତାର ଉତ୍କଳାନୁବାଦ କରିଛନ୍ତି ବୀର ନରସିଂହପୁର ନିବାସୀ ପୂର୍ଣ୍ଣଚନ୍ଦ୍ର ମିଶ୍ର । ଗୋଟିଏ ପଦ ପ୍ରଦାନ କରୁଛି-













"କଳାରେ କୁଶଳ ତୁମରି ଉତ୍କଳ,
ସଙ୍ଗୀତରେ ମହୀୟାନ
ଲୋକେ କହୁଛନ୍ତି କୋଇଲି ଶିଖିଛି,
ଓଡ଼ିଶାରୁ କୁହୁତାନ ।"

ଓଡ଼ିଶାର ପ୍ରଶସ୍ତି ଗାନ କରିବାକୁ ଭାରତୀୟ ପୁରାଣ ଶାସ୍ତ୍ର ମଧ୍ୟ ଶତମୁଖ ହୋଇ ଉଠିଛନ୍ତି। 'କପିଳ ସଂହିତା'ରେ କୁହାଯାଇଛି –

"ବର୍ଷାଣାଂ ଭାରତଃ ଶ୍ରେଷ୍ଠୋ, ଦେଶାନାଂ ଉତ୍କଳ ଶ୍ରୁତଃ ।
ଉତ୍କଳସ୍ୟ ସମୋଦେଶଃ ଦେଶୋନାସ୍ତି ମହୀତଳେ" ।

ଏତଦ୍ ବ୍ୟତୀତ 'ପଦ୍ମପୁରାଣ ', 'ସ୍କନ୍ଦପୁରାଣ', 'ହରିବଂଶ' ପ୍ରଭୃତି ଗ୍ରନ୍ଥରେ ଉତ୍କଳର ନାମ ଓ ପ୍ରଶସ୍ତି ପରିଦୃଷ୍ଟ ହୁଏ।

ଗଜପତି ପ୍ରତାପରୁଦ୍ରଦେବଙ୍କ ସମୟର କବି ମାଧବ ପଟ୍ଟନାୟକଙ୍କ ରଚିତ 'ବୈଷ୍ଣବ ଲୀଳାମୃତ' ଗ୍ରନ୍ଥରୁ ଜଣାଯାଏ। ମହାକବି ଗୋସ୍ୱାମୀ ଜୟଦେବ ପ୍ରତ୍ୟହ ଶ୍ରୀମନ୍ଦିରରେ ସ୍ୱୀୟ 'ଗୀତ ଗୋବିନ୍ଦ' ଗାନ କରୁଥିଲେ ଏବଂ ତାଙ୍କ ପତ୍ନୀ ପଦ୍ମାବତୀ ସେହି ଗୀତର ଛନ୍ଦରେ ନୃତ୍ୟ କରୁଥିଲେ । କେତେକଙ୍କ ମତରେ ପଦ୍ମାବତୀ ଜଗନ୍ନାଥଙ୍କର ପ୍ରଥମ ଦେବଦାସୀ। ଜୟଦେବଙ୍କ ପତ୍ନୀ ଜଣେ ନର୍ତ୍ତକୀ ଥିଲେ ଏବଂ ବାସୁଦେବ ଜଗନ୍ନାଥଙ୍କ ସନ୍ତୋଷ ବିଧାନ ପାଇଁ ନୃତ୍ୟ କରୁଥିଲେ ବୋଲି 'ଗୀତଗୋବିନ୍ଦ'ର ଦ୍ୱିତୀୟ ଶ୍ଳୋକରେ ଉଲ୍ଲେଖ ଅଛି। ମାତ୍ର ଅନ୍ୟ ଅର୍ଥରେ ସେ ପଦ୍ମାବତୀ ଲକ୍ଷ୍ମୀଙ୍କର ଶ୍ରେଷ୍ଠ ପଦସେବିକା ଥିଲେ। ଶ୍ଳୋକଟି ହେଲା-

"ବାକ୍ ଦେବତା ଚରିତ ଚିତ୍ରିତ ଚିତ୍ତସଦ୍ମା
ପଦ୍ମାବତୀ ଚରଣ ଚାରଣ ଚକ୍ରବର୍ତ୍ତୀ
ଶ୍ରୀ ବାସୁଦେବ ରତି କେଳିକଥା ସମେତ
ମେତଂ କରୋତି ଜୟଦେବ କବିଃ ପ୍ରବନ୍ଧମ୍ ।

(ଗୀତଗୋବିନ୍ଦ)



## ଓଡ଼ିଶୀର ସ୍ୱତନ୍ତ୍ରତା

ଉତ୍କଳର କଳାବିଦ୍ୟା ଶ୍ରେଷ୍ଠ ଥିଲା ବୋଲି ଅଣଓଡ଼ିଆ ପଣ୍ଡିତମାନେ ମଧ୍ୟ ସ୍ୱୀକାର କରିଛନ୍ତି। ଉତ୍କଳୀୟ ଉଡ୍ର ବା ଓଡ଼ିଶୀ ସଙ୍ଗୀତ କେବଳ ପ୍ରାଚୀନ ନୁହେଁ, ଏହା ଏକ ସ୍ୱତନ୍ତ୍ର ସଙ୍ଗୀତ। ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ନୃତ୍ୟ। ଉତ୍କଳ ଶବ୍ଦର ସୃଷ୍ଟି 'ଉତ୍' - ଉପସର୍ଗ ସହିତ 'କଳ' ଯୋଗରେ ହୋଇଛି। (ଉତ୍ + କଳ) କଳର ଅର୍ଥ ମଧୁର, ଶ୍ରୁତି, ସୁଖ, ମୋଦ ଅଟେ। ତେଣୁ ଉତ୍କଳର ନାମ ସହିତ ମଧୁର ଶ୍ରୁତି ବା ସ୍ୱର ଜଡ଼ିତ ହୋଇଥିବାରୁ ଉତ୍କଳ ଶବ୍ଦ କଳା ଓ ସଙ୍ଗୀତର ପ୍ରତୀକ। ଭରତ ମୁନି ଯେଉଁ ଉଡ୍ର ମାଗଧୀ, ପ୍ରବୃତ୍ତି ବିଷୟରେ ଉଲ୍ଲେଖ କରିଛନ୍ତି ତାହା ହିଁ କ୍ରମଶଃ ଆଧୁନିକ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟରେ ପରିଣତ ହୋଇଛି।

ଶ୍ରୀଜଗନ୍ନାଥ ମନ୍ଦିରରେ ଯେଉଁ ମାହାରୀମାନେ କେବଳ ନୃତ୍ୟ ସେବା କରନ୍ତି ସେମାନଙ୍କୁ 'ନାଚୁଣୀ' କୁହାଯାଏ। ଯେଉଁମାନେ ମନ୍ଦିର ଗର୍ଭଗୃହରେ ଗାନ କରନ୍ତି ସେମାନଙ୍କୁ 'ଭିତର ଗାଉଣୀ' ଓ ଯେଉଁମାନେ ମନ୍ଦିର ବାହାରେ ଗାନ କରନ୍ତି ସେମାନଙ୍କୁ 'ବାହାର ଗାଉଣୀ' କୁହାଯାଏ। ସେମାନଙ୍କ ସହିତ ବୀଣା ବାଦନ କରୁଥିବା ପୁରୁଷମାନଙ୍କୁ 'ବୀଣାକାର' ଓ 'ମର୍ଦ୍ଦଳ' ବଜାଉଥିବା ସେବକକୁ 'ମାଦେଳା' କୁହାଯାଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସକାଳ ଧୂପ ସମୟରେ ନାଟ୍ୟମଣ୍ଡପରେ ଦେବଦାସୀମାନେ ସଂପୂର୍ଣ୍ଣ ନୃତ୍ୟ ପରିବେଷଣ କରନ୍ତି। ଏହି ନୃତ୍ୟକୁ ସଂପୂର୍ଣ୍ଣ ନୃତ୍ୟ କହିବାର ତାତ୍ପର୍ଯ୍ୟ ହେଲା, ନୃତ୍ୟ ସହ ଗୀତ ଗାନ ହୁଏ ନାହିଁ। କେବଳ ନୃତ୍ୟ ପରିବେଷଣ କରାଯାଏ। ଠାକୁରଙ୍କ ବଡ଼ ସିଂହାର ବେଶ ବେଳେ ଗର୍ଭ ଗୃହରେ ଗୀତଗୋବିନ୍ଦ ଗାନ ହୁଏ। ସେହି ଗୀତର ଭାବାର୍ଥ ଅନୁସାରେ ନୃତ୍ୟାଭିନୟ ହୁଏ। ଦେବଦାସୀମାନେ ନୃତ୍ୟ କରିବା ସମୟରେ ସାହିତ୍ୟ ସଙ୍ଗୀତ ପ୍ରବୀଣ ଠାକୁର ରାଜାଙ୍କର ରାଜଗୁରୁମାନେ ଉପସ୍ଥିତ ରହନ୍ତି।







## ଜଗନ୍ନାଥଙ୍କ ପ୍ରିୟ ଓଡ଼ିଶୀ ନୃତ୍ୟ

ଓଡ଼ିଶୀ ନୃତ୍ୟ ଜଗନ୍ନାଥଙ୍କର ଅତ୍ୟନ୍ତ ପ୍ରିୟ ନୃତ୍ୟ ଏବଂ ଏହା ଓଡ଼ିଶାର ପରମ୍ପରାଗତ ନୃତ୍ୟ। ଶ୍ରୀମନ୍ଦିରର ପ୍ରତ୍ୟେକ କାର୍ଯ୍ୟରେ ଓଡ଼ିଶୀ ନୃତ୍ୟ ଓ ଓଡ଼ିଶୀ ସଙ୍ଗୀତର ବ୍ୟବହାର ଦେଖାଯାଏ। ଜ୍ୟେଷ୍ଠ ଶୁକ୍ଳ ଏକାଦଶୀକୁ ନିର୍ଜଳା ଏକାଦଶୀ ଓ ରକ୍ମିଣୀ ହରଣ ଏକାଦଶୀ ବୋଲି କୁହାଯାଏ। ଉକ୍ତ ଦିନ ପ୍ରଭୁ ଜଗନ୍ନାଥ ରକ୍ମିଣୀଙ୍କୁ ଲକ୍ଷ୍ମୀ ମନ୍ଦିରରୁ ହରଣ କରି ନେବା ସମୟରେ ଓଡ଼ିଶୀ ନୃତ୍ୟ ଓ ଗୀତର ଅପୂର୍ବ ସମାରୋହରେ ତାଙ୍କର ପଟୁଆର ଯାଏ। ଓଡ଼ିଶୀ ନୃତ୍ୟ, ଗୀତ ଓ ବାଦ୍ୟର ତାଳେ ତାଳେ ଅପୂର୍ବ ସମାବେଶ ଅତ୍ୟନ୍ତ ଉପଭୋଗ୍ୟ ହୁଏ। ଗଙ୍ଗବଂଶୀ ରାଜାମାନେ ଦାକ୍ଷିଣାତ୍ୟରୁ ଆସିଥିଲେ। ତେଣୁ ସେମାନେ ନର୍ତ୍ତକୀମାନଙ୍କୁ ଦାକ୍ଷିଣାତ୍ୟରୁ ଆଣି ଏଠାରେ ମାହାରୀ ବା ଦେବଦାସୀ ଭାବରେ ନିଯୁକ୍ତ କରୁଥିଲେ।

ଆମର ଓଡ଼ିଆ ସାଧୁସନ୍ଥମାନେ ଅଧିକାଂଶ କବି ଥିଲେ। ସେମାନେ ବହୁତ ପଦ ପଦାବଳୀ ରଚନା କରିଛନ୍ତି। ମଠର ଠାକୁରମାନଙ୍କର ଦ୍ୱାର ଫିଟାଠାରୁ ବଡ଼ସିଂହାର ପର୍ଯ୍ୟନ୍ତ ପ୍ରତ୍ୟେକ ସମୟ ପାଇଁ ସେମାନେ ପଦ୍ୟ ରଚନା କରିଛନ୍ତି ଏବଂ ତାହା ପ୍ରତ୍ୟେହ ଯଥା ସମୟରେ ଗାନ କରାଯାଏ। ଗୋପାଳକୃଷ୍ଣ, ବନମାଳୀ, କବିସୂର୍ଯ୍ୟ ବଳଦେବ ରଥ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓଡ଼ିଶୀ ସଙ୍ଗୀତ ରଚନା କରିଛନ୍ତି, ଯାହା ଭିନ୍ନ ଭିନ୍ନ ସମୟରେ ଗାନ କରାଯାଏ। ଗୌରଚରଣ ଅଧିକାରୀ, ଭକ୍ତଚରଣ ପ୍ରମୁଖ ଏହିପରି ଅନେକ ସଙ୍ଗୀତ ରଚନା କରିଛନ୍ତି। ଅଭିରାମ ପରମହଂସ ଏହାର ପ୍ରକୃଷ୍ଟ ଉଦାହରଣ। ବଡ଼ସିଂହାର ବେଶ ବେଳେ ଗାନ କରନ୍ତି- "ଶୋଭା ବଡ଼ସିଂହାର ବେଶ ହେ ରାଧା ଇଶ।" ଇତ୍ୟାଦି।

ବଡ଼ସିଂହାର ବେଳେ ମା' ଲକ୍ଷ୍ମୀ ସ୍ୱୟଂ ରତ୍ନପଲଙ୍କ ନିକଟରେ ରହିଛନ୍ତି। ଶୟନ ପୂର୍ବରୁ ତିନୋଟି ପଇଡ଼ ଆସେ। ମା' ଲକ୍ଷ୍ମୀ ସେଥିରେ ଟିକେ କର୍ପୂର ମିଶାଇ ଦେଇଥାନ୍ତି। ପଇଡ଼ ଜଳରେ କର୍ପୂର ମିଶିଗଲେ ତାହା ଅତ୍ୟନ୍ତ ନିଶା ହୋଇଯାଏ। ପ୍ରଥମେ ବଡ଼ଠାକୁର ଓ ମା' ସୁଭଦ୍ରାଙ୍କୁ ପଇଡ଼ ପିଇବାକୁ ଦିଆଯାଏ। ସେ ନିଶାରେ ଆଗ ଶୋଇ ପଡ଼ନ୍ତି। ତାପରେ ଲକ୍ଷ୍ମୀ ସେଠାକୁ ଯାଆନ୍ତି। ଦେଢ଼ଶୁର ଓ ନଣନ୍ଦ ଜାଗ୍ରତ ଥିବାବେଳେ ଲକ୍ଷ୍ମୀ ସେଠାକୁ କିପରି ଯିବେ? ଲକ୍ଷ୍ମୀ ଜଗନ୍ନାଥଙ୍କ ପଦପ୍ରାନ୍ତରେ ବସି ଧୀରେ ଧୀରେ ଶ୍ରୀପଦଙ୍କୁ ମଞ୍ଚାଳନ କରନ୍ତି। ଏପଟେ ଦେବଦାସୀ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଚାଲିଥାଏ। ଗୋଟିଏ ତିନି ଗୋଡ଼ିଆ କାଠ ଖଟୁଲି ଥାଏ। ନିଦ୍ରାଦେବୀଙ୍କୁ ଲକ୍ଷ୍ମୀ ତାରି ଉପରେ ବସାଇଥାନ୍ତି। ନୃତଗୀତରେ ତାଳେ ତାଳେ ପଇଡ଼ ପାଣି ନିଶାରେ ଆସ୍ତେ ଆସ୍ତେ ନିଦ୍ରାଦେବୀ ପ୍ରଭୁଙ୍କ ନୟନରେ ବିରାଜମାନ କରନ୍ତି। ନିଦ୍ରା ଆସିବା ଜାଣି ସେହି ଖଟୁଲିଟିକୁ ସେବକ ସେଠାକୁ ଉଠାଇ ନିଅନ୍ତି। ପ୍ରଭୁ ନିଦ୍ରା ଯିବା ପରେ ମାତା ଲକ୍ଷ୍ମୀ ନିଜ ଶୟନ କକ୍ଷକୁ ଚାଲିଯାନ୍ତି।

## ଶ୍ରୀଜଗନ୍ନାଥ କୈନ୍ଦ୍ରିକ ନୃତ୍ୟ

ଓଡ଼ିଆ ଘରର ଝିଅମାନେ ବିବାହ ପୂର୍ବରୁ ଗୀତ ଗାଇବା ଶିକ୍ଷା କରୁଥିଲେ। ଝିଅକୁ ତା ମା' ଶିଖାଉଥିଲା। ଜ୍ୱାଇଁ ଶୋଇବା ପରେ ତା' ପାଦ ପାଖରେ ବସି ଗୁଣୁ ଗୁଣୁ କରି ଏହିପରି ଗୀତ ଗାଇବାକୁ ହେବ। ଜ୍ୱାଇଁକୁ ନିଦ ଲାଗିଲେ ତୁ ଶୋଇବୁ। ଗଙ୍ଗାଧର କହିଛନ୍ତି- "ସ୍ୱାମୀଙ୍କ ଭୋଜନ ପରେ ତୁ ଭୁଞ୍ଜିବୁ ଶୋଇବୁ ଶୟନ ପରେ। ସ୍ୱାମୀଙ୍କର ଶଯ୍ୟା ତେଜିବା ପୂର୍ବରୁ ଉଠୁଥିବୁ ପ୍ରତ୍ୟୁଷରେ।" ସେତେବେଳେ ବରଘର ଲୋକମାନେ ଝିଅ ଦେଖିବାକୁ ଗଲେ ଭାବି ବୋହୂର ଗୀତ ବୋଲିବା ମଧ୍ୟ ଶୁଣୁଥିଲେ। ପୁଅଝିଅ ହେଲେ ଝିଅଟି ନାନା ବାୟା ଗୀତ ଗାଇ ଶୁଆଇ ଦେଉଥିଲା। ଏବେ ସେ ପରମ୍ପରା ସମ୍ପୂର୍ଣ୍ଣ ଲୁପ୍ତ। ସାଂପ୍ରତିକ ବିବାହ ବିଷୟରେ ନ କହିବା ଭଲ। ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ଗବେଷକ ଡକ୍ଟର ନରେଶ ଚନ୍ଦ୍ର ଦାଶ ଓ ପ୍ରଫେସର ଡକ୍ଟର ବ୍ରଜ କିଶୋଇ ସ୍ୱାଇଁଙ୍କ ସୌଜନ୍ୟରୁ ଏହି ତଥ୍ୟ ପ୍ରାପ୍ତ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆର ପ୍ରାଣ କେନ୍ଦ୍ର। ଓଡ଼ିଶୀ ନୃତ୍ୟ ଓ ଓଡ଼ିଶୀ ସଙ୍ଗୀତ ଶ୍ରୀଜଗନ୍ନାଥଙ୍କର ଅତ୍ୟନ୍ତ ପ୍ରିୟ। ସକାଳଠାରୁ ବଡ଼ସିଂହାର ପର୍ଯ୍ୟନ୍ତ ଓଡ଼ିଶୀ ନୃତ୍ୟ ସଙ୍ଗୀତର ଆବଶ୍ୟକତା ପଡ଼ିଥାଏ। ଏସବୁ ନୃତ୍ୟ ଜଗନ୍ନାଥ କୈନ୍ଦ୍ରିକ। ■

ଜୟ ଜଗନ୍ନାଥ।

ମନ୍ଦିର ମାର୍ଗ, ସାକ୍ଷୀଗୋପାଳ, ପୁରୀ, ମୋ: ୯୯୩୭୮୩୫୨୩୦




# ଓଡ଼ିଶୀ ନୃତ୍ୟର ଶାସ୍ତ୍ର ନିର୍ଦ୍ଧାରିତ ମୁଦ୍ରା




ଡକ୍ଟର କୀର୍ତ୍ତନ ନାରାୟଣ ପାଢ଼ୀ

ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ସାରା ବିଶ୍ୱରେ ପ୍ରସାରିତ ଏବଂ ପ୍ରଶଂସିତ । କେବଳ ପ୍ରାଚୀନ ଓ ମଧ୍ୟକାଳୀନ ନୁହେଁ, ଆଧୁନିକ ଗୁରୁ, ନର୍ତ୍ତକ ଓ ନକର୍ତ୍ତକୀମାନଙ୍କର ଅବିଶ୍ରାନ୍ତ ସାଧନା ଓ ଅକ୍ଳାନ୍ତ ଉଦ୍ୟମ ଦ୍ୱାରା ଏହାର ଶୁଦ୍ଧତା ଅକ୍ଷୁଣ୍ଣ ରହିବା ସହିତ ଚିତ୍ତହାରିତା ସମୃଦ୍ଧ ହେବାକୁ ଲାଗିଛି । ନୃତ୍ୟ ହେଉଛି ଆଙ୍ଗିକ ଭାଷାର ଉତ୍କର୍ଷ । ଏହାର ପ୍ରତ୍ୟେକଟି ମୁଦ୍ରା ହେଉଛି ବାଚିକ ଭାଷାର ବର୍ଣ୍ଣମାଳା ସ୍ୱରୂପ । ନନ୍ଦିକେଶ୍ୱରଙ୍କ 'ଅଭିନୟ ଦର୍ପଣ' ଓ ମହେଶ୍ୱର ମହାପାତ୍ରଙ୍କ 'ଅଭିନୟ ଚନ୍ଦ୍ରିକା' ବହୁଳ ଭାବରେ ଅଧୀତ ଓ ଅନୁସୃତ ହେଉଥିଲେ ମଧ୍ୟ ଓଡ଼ିଶୀ ନୃତ୍ୟ ପାଇଁ ଆହୁରି ଅନେକ ଗ୍ରନ୍ଥ ଓ ଶାସ୍ତ୍ର ଅଛି । ଯାହା ସହଜଲବ୍ଧ ନୁହେଁ । ତେଣୁ ସେହି ସବୁ ଶାସ୍ତ୍ରରୁ ଉଦ୍ଧାର କରି କେତେକ ମୁଦ୍ରାର ବିକ୍ଷେପ ପ୍ରକ୍ରିୟା ବିଷୟରେ ନିୟମର କିଛି ଆଲୋଚନା କରାଯାଇଛି । ଏହା କେବଳ ଗୁରୁ, ନର୍ତ୍ତକ, ନର୍ତ୍ତକୀ ନୁହଁନ୍ତି, ଓଡ଼ିଶୀ ନୃତ୍ୟରେ ରୁଚି ରଖୁଥିବା ସାଧାରଣ ଦର୍ଶକମାନଙ୍କୁ, ବିଶେଷ କରି ନୃତ୍ୟକ୍ଷେତ୍ରରେ ଗବେଷଣା କରୁଥିବା ଶିକ୍ଷାବିତ୍‌ମାନଙ୍କୁ ଶାସ୍ତ୍ରୀୟ ତଥ୍ୟ ଓ ତତ୍ତ୍ୱ ଯୋଗାଇବ ବୋଲି ଆଶା କରାଯାଉଛି । ଏହା କାହାରି ସହାୟକ ହେଉ ନ ହେଉ, ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଆଲୋଚନାକୁ ପ୍ରୋତ୍ସାହିତ କରିବ ।







## ୨୭ ପ୍ରକାର ଅସଂଯୁକ୍ତ ହସ୍ତମୁଦ୍ରା

ଶ୍ରୀନନ୍ଦିକେଶ୍ୱରଙ୍କ 'ଭରତାର୍ଣ୍ଣବ' ଅନୁସାରେ, ୨୭ ପ୍ରକାର ଅସଂଯୁକ୍ତ-ହସ୍ତମୁଦ୍ରା ରହିଛି । ସେ ସଂପର୍କରେ ଆଲୋଚନା କରିବା ।



**ପତାକ ହସ୍ତ** : ଯଦି ହସ୍ତର ଚାରୋଟି ଆଙ୍ଗୁଳି ଲାଗି ଲାଗି ରହି ସିଧା ପ୍ରସାରିତ ହୋଇଥାଏ ଏବଂ ଆଙ୍ଗୁଳିଗୁଡ଼ିକ ହାତର ପାପୁଲି ଆଡ଼କୁ ମୋଡ଼ି ହୋଇ ବୃଦ୍ଧାଙ୍ଗୁଳିର ମୂଳ ଭାଗକୁ ସ୍ପର୍ଶ କରେ, ତେବେ ହସ୍ତ-ମୁଦ୍ରାର ସମୀକ୍ଷକ ବିଦ୍ୱାନମାନେ ତାକୁ 'ପତାକ -ହସ୍ତ'କୁହନ୍ତି ।

**ତ୍ରିପତାକ ହସ୍ତ**: ଯଦି 'ପତାକ-ହସ୍ତ'ରେ ଅନାମିକା ଆଙ୍ଗୁଳିର ଦୁଇଟି ପଗ (ଦୁଇଗଣ୍ଠି ମଧ୍ୟସ୍ଥ ଅଂଶ) ତେଡ଼ା କରି ହାତ ପାପୁଲି ଆଡ଼କୁ ବଙ୍କେଇ ଦିଆଯାଏ, ତେବେ ତାକୁ 'ତ୍ରିପତାକ-ହସ୍ତ' କୁହାଯାଏ ।

**ଅର୍ଦ୍ଧପତାକ ହସ୍ତ** : ଯଦି 'ତ୍ରିପତାକ-ହସ୍ତ'ରେ କନିଷ୍ଠା ଆଙ୍ଗୁଳିକୁ ତେଡ଼ା କରି ନୁଆଁଇ ଦିଆଯାଏ, ତେବେ ତା'କୁ 'ଅର୍ଦ୍ଧପତାକ-ହସ୍ତ' କୁହାଯାଏ ।

**କର୍ତରୀମୁଖ ହସ୍ତ** : ଯଦି 'ଅର୍ଦ୍ଧପତାକ-ହସ୍ତ'ରେ ତର୍ଜନୀ ଏବଂ ମଧ୍ୟମା ଆଙ୍ଗୁଳିକୁ ଗୋଟିଏକୁ ଅନ୍ୟ ଉପରେ ତେରଛା କରି ବାହାର ଆଡ଼କୁ ପ୍ରସାରଣ କରି ଦିଆଯାଏ, ତାକୁ 'କର୍ତରୀମୁଖ-ହସ୍ତ' କୁହନ୍ତି ।

**ମୟୂର ହସ୍ତ** : ଯଦି 'କର୍ତରୀମୁଖ-ହସ୍ତ'ର ଅନାମିକାକୁ ବୃଦ୍ଧା ଅଙ୍ଗୁଳିରେ ମିଶେଇ ଦିଆଯାଏ ଏବଂ ଅବଶିଷ୍ଟ ଆଙ୍ଗୁଳିଗୁଡ଼ିକ ବାହାର ଆଡ଼କୁ ପ୍ରସାରିତ ହୋଇଥାଏ, ତେବେ ତାକୁ 'ମୟୂର-ହସ୍ତ' କୁହାଯାଏ ।

**ଅର୍ଦ୍ଧଚନ୍ଦ୍ର ହସ୍ତ** : ଯଦି 'ପତାକ-ହସ୍ତ'ରେ ଆଙ୍ଗୁଳିକୁ ଅର୍ଦ୍ଧବୃତ୍ତାକାର କରି ବାହାର ଆଡ଼କୁ ପ୍ରସାରିତ କରିଦିଆଯାଏ, ତେବେ ତାକୁ 'ଅର୍ଦ୍ଧଚନ୍ଦ୍ର –ହସ୍ତ' କୁହାଯାଏ ।

**ଅରାଳ ହସ୍ତ** : ଯଦି 'ପତାକ-ହସ୍ତ'ରେ ତର୍ଜନୀକୁ ମୋଡ଼ି ଦିଆଯାଇଥାଏ, ତେବେ ତାକୁ 'ଅରାଳ-ହସ୍ତ' କୁହାଯାଏ ।

**ଶୁକତୁଣ୍ଡ ହସ୍ତ** : ଯଦି 'ଅରାଳ-ହସ୍ତ'ରେ ଅନାମିକାକୁ ବଙ୍କା କରି ନୁଆଁଇ ଦିଆଯାଏ, ତେବେ ତାକୁ 'ଶୁକତୁଣ୍ଡ-ହସ୍ତ' କୁହାଯାଏ ।

**ମୁଷ୍ଟି ହସ୍ତ** : ଯଦି ହାତର ଚାରୋଟି ଯାକ ଆଙ୍ଗୁଠିକୁ ହାତ ପାପୁଲି ଆଡ଼କୁ ମୋଡ଼ି ଦିଆଯାଏ ଏବଂ ସେଗୁଡ଼ିକ ଉପରେ ବୃଦ୍ଧା ଆଙ୍ଗୁଠି ଚଢ଼ାଇ ଚାପି ଦିଆଯାଏ, ତେବେ ସେହି ମୁଦ୍ରାକୁ 'ମୁଷ୍ଟି-ହସ୍ତ' କୁହାଯାଏ ।

**ଶିଖର ହସ୍ତ** : ଯଦି 'ମୁଷ୍ଟି-ହସ୍ତ'ରେ ବୁଢ଼ା ଆଙ୍ଗୁଠିକୁ ଆଙ୍ଗୁଠିଗୁଡ଼ିକ ଉପରକୁ ନ ମୋଡ଼ି, ଉପର ଆଡ଼କୁ ସିଧା ଠିଆ କରିଦିଆଯାଏ, ତେବେ ତାକୁ 'ଶିଖର-ହସ୍ତ' କୁହାଯାଏ ।

**କପିତ୍‌ଥ ହସ୍ତ** : ଯଦି ଆଙ୍ଗୁଳିଗୁଡ଼ିକ ମୋଡ଼ି ବା ନଇଁଥିବ, ତଥା କ୍ରମଶଃ ପୃଷ୍ଠ ଅଭିମୁଖୀ ହୋଇଥିବ ଏବଂ ବୁଢ଼ା ଆଙ୍ଗୁଠି ତର୍ଜନୀ ମଧ୍ୟରେ ଟେକି ହୋଇ ରହିଥିବ, ତେବେ ତାକୁ 'କପିତ୍‌ଥ-ହସ୍ତ' କୁହାଯାଏ ।

**ଖଟକାମୁଖ ହସ୍ତ** : ଯଦି 'କପିତ୍‌ଥ-ହସ୍ତ'ରେ ବୁଢ଼ା ଆଙ୍ଗୁଠି ବଙ୍କା ହୋଇଥିବ ଏବଂ ତର୍ଜନୀ ଆଙ୍ଗୁଠି ତା'ର ମଧ୍ୟ ଭାବରେ ଟେକି ରହିଥିବ, ତେବେ ଭରତମୁନିଙ୍କ 'ନାଟ୍ୟଶାସ୍ତ୍ର' ଅନୁଯାୟୀ ତାକୁ 'ଖଟକାମୁଖ-ହସ୍ତ' କୁହାଯାଏ ।

**ସୂଚୀ ହସ୍ତ** : ଯଦି ମଧ୍ୟମାଠାରୁ ତିନୋଟି ଆଙ୍ଗୁଠି (ମଧ୍ୟମା, ଅନାମିକା ଏବଂ କନିଷ୍ଠା) ନଇଁ ହୋଇଥିବ ତଥା ବୃଦ୍ଧାଙ୍ଗୁଠି ଦ୍ୱାରା ଦବି ହୋଇଥିବ ଏବଂ ତର୍ଜନୀ ସିଧା ଭାବରେ ପ୍ରସାରିତ ହୋଇ ରହିଥିବ, ତେବେ ତାକୁ 'ସୂଚୀ-ହସ୍ତ' କୁହାଯାଏ ।

**ପଦ୍ମକୋଶ ହସ୍ତ** : ଯଦି ହାତର ପାଞ୍ଚଟି ଯାକ ଆଙ୍ଗୁଠିକୁ ଅଲଗା ଅଲଗା ରଖି ସବୁକୁ ମୋଡ଼ିକି ଟିକିଏ ନୁଆଁଇ ଦିଆଯାଏ ଏବଂ ହାତ ପାପୁଲି ଆଡ଼କୁ ଗୋଟିଏ ଅନ୍ତରାଳ ରଚନା କରୁଥାଏ, ତେବେ ତାକୁ 'ପଦ୍ମକୋଶ-ହସ୍ତ' କୁହାଯାଏ ।



**ବାଣ ହସ୍ତ** : ଯଦି ତର୍ଜନୀ ସମେତ ତିନୋଟି ଯାକ ଆଙ୍ଗୁଠିର (ତର୍ଜନୀ, ମଧ୍ୟମା ଏବଂ ଅନାମିକା) ଅଗ୍ରଭାଗ ବୃଦ୍ଧାଙ୍ଗୁଠି ଦ୍ୱାରା ଦବି ହୋଇ ରହିଥିବ ଏବଂ କନିଷ୍ଠିକା ଆଙ୍ଗୁଠି ସିଧା ପ୍ରସାରିତ ହୋଇଥିବ, ତେବେ ତାକୁ 'ବାଣ ହସ୍ତ' କୁହାଯାଏ ।

**ସର୍ପଶୀର୍ଷ ହସ୍ତ** : ଯଦି 'ପତାକ-ହସ୍ତ'ର ଆଙ୍ଗୁଠିଗୁଡ଼ିକକୁ ମିଶାଇ ଅଗ୍ରଭାଗରୁ କିଛି ଅଂଶ ନୁଆଁଇ ଦିଆଯାଏ, ଯାହା ହାତ ପାପୁଲିର ଭିତର ଆଡ଼କୁ ନଇଁ ରହେ ବା ସେଇଥିରେ ପୁଟକାକୃତି କରି ଦିଆଯାଏ, ତେବେ ତାକୁ 'ସର୍ପଶୀର୍ଷ-ହସ୍ତ' କୁହାଯାଏ ।

**ମୃଗଶୀର୍ଷ ହସ୍ତ** : ଯଦି 'ସର୍ପଶୀର୍ଷ-ହସ୍ତ'ର କନିଷ୍ଠିକା ଏବଂ ବୃଦ୍ଧାଙ୍ଗୁଠିକୁ ଯୁକ୍ତ କରି ସିଧା ପ୍ରସାରିତ କରିଦିଆଯାଏ, ତେବେ ତାକୁ 'ମୃଗଶୀର୍ଷ-ହସ୍ତ' କୁହାଯାଏ ।

**ସିଂହମୁଖ ହସ୍ତ** : ଯଦି ମଧ୍ୟମା ଏବଂ ଅନାମିକା ଦୁଇଟି ଆଙ୍ଗୁଠିର ଅଗ୍ରଭାଗକୁ ବୃଦ୍ଧାଙ୍ଗୁଠିର ଅଗ୍ରଭାଗ ସହିତ ମିଶେଇ ଦିଆଯାଏ ଏବଂ ଅବଶିଷ୍ଟ ଦୁଇଟି ଆଙ୍ଗୁଠି (ତର୍ଜନୀ ଓ କନିଷ୍ଠିକା) କୁ ସିଧା ଭବରେ ଯୁକ୍ତ କରି ପ୍ରସାରିତ କରି ଦିଆଯାଏ, ତେବେ 'ନାଟ୍ୟଶାସ୍ତ୍ର'ର ଯୋଗ୍ୟତମ ବିଦ୍ୱାନମାନେ ଏହାକୁ 'ସିଂହମୁଖ-ହସ୍ତ' କହନ୍ତି ।

**କାଙ୍ଗୂଳ ହସ୍ତ** : ଯଦି 'ପଦ୍ମକୋଶ-ହସ୍ତ'ରେ ଅନାମିକା ଆଙ୍ଗୁଠିକୁ ମୋଡ଼ିକି ନୁଆଁଇ ଦିଆଯାଏ, ତେବେ ତାକୁ 'କାଙ୍ଗୂଳ-ହସ୍ତ' କୁହାଯାଏ ।

**ଅଳପଲ୍ଲବ ହସ୍ତ ବା ଅଳପଦ୍ମ ହସ୍ତ**: ଯଦି କନିଷ୍ଠିକା ଆଦି ସମସ୍ତ ପାଞ୍ଚଟି ଯାକ ଆଙ୍ଗୁଠି ଟିକିଏ ମୋଡ଼ି ହୋଇଥିବ ତଥା ପରସ୍ପର ଅଲଗା ଥିବ ଏବଂ ଏକ ପ୍ରକାର ବିକଶିତ ପଦ୍ମର ସ୍ୱରୂପ ଅଭିବ୍ୟକ୍ତ କରୁଥିବ, ତେବେ ତାକୁ 'ଅଳପଲ୍ଲବ' ବା 'ଅଳପଦ୍ମ-ହସ୍ତ' କୁହାଯାଏ ।

**ଚତୁର ହସ୍ତ** : ଯଦି ତର୍ଜନୀ, ମଧ୍ୟମା ଏବଂ ଅନାମିକା ଆଦି ତିନୋଟି ଆଙ୍ଗୁଠି ପରସ୍ପର ସହିତ ସଂଯୁକ୍ତ ହୋଇଥିବ ତଥା କନିଷ୍ଠ ଆଙ୍ଗୁଠି ଅଲଗା ରହି ସିଧା ପ୍ରସାରିତ ହୋଇ ରହିଥିବ ଏବଂ ବୃଦ୍ଧାଙ୍ଗୁଠି ତେଢ଼ା ହୋଇ ଅନାମିକା ଆଙ୍ଗୁଠିର ମୂଳଭାଗକୁ ସ୍ୱର୍ଶ କରୁଥିବ, ତେବେ ତାକୁ 'ଚତୁର-ହସ୍ତ' କୁହାଯାଏ ।

**ଭ୍ରମର ହସ୍ତ** : ଯଦି ମଧ୍ୟମା ଏବଂ ଅନାମିକା ଆଙ୍ଗୁଠି ଦୁଇଟି ଭଲ ଭାବରେ ମୋଡ଼ି ହୋଇ ହାତ ପାପୁଲି ଉପରକୁ ଟେକି ହୋଇଥିବ ଏବଂ ଅବଶିଷ୍ଟ ତିନୋଟି ଆଙ୍ଗୁଠି ଭାବରେ ପ୍ରସାରିତ ରହିଥିବ ତେବେ ସେହି ମୁଦ୍ରାକୁ 'ଭ୍ରମର-ହସ୍ତ' କୁହାଯାଏ ।

**ହଂସାସ୍ୟ ହସ୍ତ** : ଯଦି ତର୍ଜନୀ ତଥା ବୃଦ୍ଧାଙ୍ଗୁଠି ଉଭୟ ଅଗ୍ରଭାଗ ଦ୍ୱାରା ପରସ୍ପର ମିଳିତ ବା ଏକତ୍ରିତ ହୋଇଥିବେ ଏବଂ ମଧ୍ୟମା ସହିତ ଅନ୍ୟ ତିନୋଟି ଆଙ୍ଗୁଠି ସିଧା ଅଲଗା ଅଲଗା ଭାବରେ ପ୍ରସାରିତ ହୋଇଥିବ, ତେବେ ତାକୁ 'ହଂସାସ୍ୟ-ହସ୍ତ' କୁହାଯାଏ ।

**ହଂସପକ୍ଷ ହସ୍ତ** : ଯଦି 'ସର୍ପଶୀର୍ଷ-ହସ୍ତ'ର ମୁଦ୍ରାରେ କନିଷ୍ଠା ଆଙ୍ଗୁଠିକୁ (ଅନ୍ୟ ତିନୋଟି ଆଙ୍ଗୁଠି ସହିତ) ସିଧା ଭାବରେ ପ୍ରସାରିତ କରି ଦିଆଯାଏ, ତେବେ ତାକୁ 'ହଂସପକ୍ଷ-ହସ୍ତ' କୁହାଯାଏ ।

**ସନ୍ଦଂଶ ହସ୍ତ** : ହେ ସୁମତି, ଯଦି ତର୍ଜନୀ (ପ୍ରଦେଶିନୀ), ମଧ୍ୟମା ଏବଂ ବୃଦ୍ଧାଙ୍ଗୁଠି ପରସ୍ପର ଏକ୍ରତିତ ହୋଇ ମିଶିଥିବେ ଏବଂ ଶେଷ ଦୁଇଟି ଆଙ୍ଗୁଠି ଅନାମିକା ଏବଂ କନିଷ୍ଠିକା ସିଧା ପ୍ରସାରିତ ହୋଇ ରହିଥିବେ, ତେବେ ତାକୁ 'ସନ୍ଦଂଶ'(ସଂଡ଼ସୀ) ହସ୍ତ' କୁହାଯାଏ ।

**ମୁକୁଳ ହସ୍ତ** : ଯଦି ପାଞ୍ଚଟି ଯାକ ଆଙ୍ଗୁଠିର ଅଗ୍ରଭାଗକୁ ମିଶେଇ ବା ସଂଯୁକ୍ତ କରି ପ୍ରଦର୍ଶିତ କରାଯାଏ, ତେବେ ତାକୁ 'ମୁକୁଳ-ହସ୍ତ' କୁହାଯାଏ ।

**ତାମ୍ରଚୂଡ଼ ହସ୍ତ** : ଯଦି ତର୍ଜନୀ, ମଧ୍ୟମା ଏବଂ ଅନାମିକା ତିନୋଟି ଆଙ୍ଗୁଠି ପ୍ରସାରିତ ହୋଇ ରହିଥିବେ ଏବଂ ବୃଦ୍ଧାଙ୍ଗୁଠିର ଅଗ୍ରଭାଗ କନିଷ୍ଠା ଆଙ୍ଗୁଠିର ମୂଳଭାଗ ଆଡ଼କୁ ନଇଁ ହୋଇରହିଥିବ, ତେବେ ତାକୁ 'ତାମ୍ରଚୂଡ଼-ହସ୍ତ' କୁହାଯାଏ ।

## ୧୬ ପ୍ରକାର ସଂଯୁକ୍ତ ହସ୍ତ ମୁଦ୍ରା

**ଶ୍ରୀନନ୍ଦିକେଶ୍ୱରଙ୍କ 'ଭରତାର୍ଣ୍ଣବ' ଅନୁସାରେ ୧୬ ପ୍ରକାର ସଂଯୁକ୍ତ ହସ୍ତମୁଦ୍ରା ରହିଛି । ନିମ୍ନରେ ସେଗୁଡ଼ିକ ସଂପର୍କରେ ଆଲୋଚନା କରାଗଲା ।**

**ପୁଷ୍ପପୁଟ ହସ୍ତ**: ଯଦି ଦୁଇଟି ହାତ 'ସର୍ପଶୀର୍ଷ' ମୁଦ୍ରାରେ ଥାଏ ଏବଂ ସେଗୁଡ଼ିକକୁ ପରସ୍ପର ସଂଯୁକ୍ତ କରିଦିଆଯାଏ, ତେବେ ତାକୁ 'ପୁଷ୍ପପୁଟ ହସ୍ତ' କୁହନ୍ତି ।

**ଅଞ୍ଜଳି ହସ୍ତ** : ଯଦି ଦୁଇଟି ହାତକୁ 'ତ୍ରିପତାକ' ମୁଦ୍ରାରେ ରଖି ପରସ୍ପରକୁ ଯୋଡ଼ି ଦିଆଯାଏ, ତେବେ ତାକୁ 'ଅଞ୍ଜଳି ହସ୍ତ' କୁହାଯାଏ ।

**ଚତୁରଶ୍ର ହସ୍ତ** : ଯଦି ଦୁଇଟି ହାତ 'ଖଟକାମୁଖ' ମୁଦ୍ରାରେ ଥିବ ଏବଂ ଅଧୋମୁଖ ହୋଇ ପରସ୍ପର ଆଡ଼କୁ ଉନ୍ମୁଖ ବା ମୁହାଁମୁହିଁ ହୋଇଥିବେ,ତେବେ ତାକୁ 'ଚତୁରଶ୍ର ହସ୍ତ' କୁହାଯାଏ ।

**ତ୍ରିପତାକ-ସ୍ୱସ୍ତିକ ହସ୍ତ**: ଯଦି ଦୁଇ ହାତକୁ 'ତ୍ରିପତାକ' ମୁଦ୍ରାରେ ପରସ୍ପର ମଣିବନ୍ଧ ସହିତ ଦୃଢ଼ ଭାବରେ ସ୍ୱସ୍ତିକ୍ ଆକୃତିରେ ପ୍ରଦର୍ଶିତ କରାଯାଏ, ତେବେ ତାକୁ 'ତ୍ରିପତାକ-ସ୍ୱସ୍ତିକ ହସ୍ତ' କୁହାଯାଏ ।

**କର୍ତରୀ-ସ୍ୱସ୍ତିକ ହସ୍ତ** : ଯଦି (ଦୁଇ ହାତ) 'କର୍ତରୀମୁଖ-ହସ୍ତ'ରେ ତୀର୍ଯ୍ୟକ୍ ମୁଖ ବା ତେରଛା ହୋଇ ପରସ୍ପର ମଣିବନ୍ଧ ଉପରେ ଅବସ୍ଥିତ ରହିଥିବ, ତେବେ ତାକୁ 'କର୍ତରୀ-ସ୍ୱସ୍ତିକ ହସ୍ତ' କୁହାଯାଏ ।



**ଡୋଳା ହସ୍ତ** : ଯଦି ଉଭୟ ହାତ 'ପତାକ-ହସ୍ତ' ମୁଦ୍ରାରେ ଥାଏ ଏବଂ ତାକୁ ନେଇ ଆଣ୍ଠୁ ପାଖରେ ରଖି ପ୍ରଦର୍ଶିତ କରାଯାଏ,ତେବେ ଏହାକୁ 'ଡୋଳାହସ୍ତ' କୁହାଯାଏ ।

**ଅବହିତ୍ଥ ହସ୍ତ** : ଯଦି 'ଅଳପଦ୍ମ-ମୁଦ୍ରା'ରେ ରହିଥିବା ଦୁଇଟି ହାତର ପାପୁଲିକୁ ବକ୍ଷ ଦେଶରେ ରଖାଯାଇ ପ୍ରଦର୍ଶିତ କରାଯାଏ, ତେବେ ତାକୁ 'ଅବହିତ୍ଥ-ହସ୍ତ' କୁହାଯାଏ ।

**ବର୍ଦ୍ଧମାନ ହସ୍ତ** : ଯଦି ଦୁଇ ହାତକୁ 'ଶିଖର' ମୁଦ୍ରାରେ ବାନ୍ଧି ଉର୍ଦ୍ଧ୍ୱଭାବମୁଖୀ ଅର୍ଥାତ୍ ଗୋଟିଏର ମୁଖ ଅନ୍ୟଟିର ଆଡ଼କୁ ରହିଥିବ,ତେବେ ତାକୁ 'ବର୍ଦ୍ଧମାନ-ହସ୍ତ' କୁହାଯାଏ ।

**ପତାକ ସ୍ୱସ୍ତିକ ହସ୍ତ**: ଯଦି ଦୁଇ ହାତକୁ 'ପତାକ' ମୁଦ୍ରାରେ ମଣିବନ୍ଧରେ ଅବସ୍ଥିତ କରି ହାତ ମୂଳରେ ତେଢ଼ା କରି ଦିଆଯାଏ ଏବଂ ଗୋଟିଏ ଉର୍ଦ୍ଧ୍ୱମୁଖୀ ଓ ଅନ୍ୟଟି ଅଧୋମୁଖୀ ହୋଇଥାଏ, ତେବେ ସେହି ମୁଦ୍ରାକୁ 'ପତାକ-ସ୍ୱସ୍ତିକ ହସ୍ତ' କୁହାଯାଏ

**ଉତ୍ତାନବଞ୍ଚିତ ହସ୍ତ** : ଯଦି ଦୁଇହାତକୁ 'ତ୍ରିପତାକ' ମୁଦ୍ରାରେ ରଖି ସ୍କନ୍ଧଦେଶ (କାନ୍ଧ) ଉପରେ ଅବସ୍ଥିତ କରି ପ୍ରଦର୍ଶିତ କରାଯାଏ, ତେବେ ତାକୁ 'ଉତ୍ତାନବଞ୍ଚିତ –ହସ୍ତ' କୁହାଯାଏ

**କଳଶ ହସ୍ତ** : ଯଦି 'ଅର୍ଦ୍ଧଚନ୍ଦ୍ର' ମୁଦ୍ରାରେ ରହିଥିବା ଦୁଇ ହାତ ଅନ୍ୟୋନ୍ୟାଭିମୁଖ ହୋଇ ପରସ୍ପର ସଂଯୁକ୍ତ ହୋଇଥାଏ,ତେବେ ତାକୁ 'କଳଶ ହସ୍ତ' କୁହାଯାଏ ।

**ପକ୍ଷବଞ୍ଚିତ ହସ୍ତ** :ଯଦି 'ଅର୍ଦ୍ଧଚନ୍ଦ୍ର' ମୁଦ୍ରାରେ ରହିଥିବା ହାତ ଦୁଇଟି କଟି ଦେଶରେ ଅବଲମ୍ବିତ ହୋଇଥିବ,ତେବେ ତାକୁ 'ପକ୍ଷବଞ୍ଚିତ ହସ୍ତ' କୁହାଯାଏ ।

**ଉତ୍ସଙ୍ଗ ହସ୍ତ** : ଯଦି ଦୁଇ ହାତ 'ସର୍ପଶୀର୍ଷ' ମୁଦ୍ରାରେ ପରସ୍ପର ଉପରେ ରହିଥିବ ଏବଂ ନାଭି ତଳେ ବିନ୍ୟସ୍ତ ହୋଇଥିବ, ତେବେ ତାକୁ 'ଉତ୍ସଙ୍ଗ ହସ୍ତ' କୁହାଯାଏ ।

**ତିଳକ ହସ୍ତ** : ଯଦି ଦୁଇ ହାତରେ 'ତ୍ରିପତାକ' ମୁଦ୍ରା ଧାରଣ କରାଯାଏ ଏବଂ କ୍ରମଶଃ ଲଲାଟ ତଥା ହୃଦୟ ଉପରେ ଅବସ୍ଥିତ ହୋଇଥାଏ,ତେବେ ତାକୁ 'ତିଳକ ହସ୍ତ' କୁହାଯାଏ ।



**ନାଗବନ୍ଧ ହସ୍ତ** : ଯଦି ଦୁଇ ହାତ 'ସର୍ପ ଶୀର୍ଷ' ମୁଦ୍ରାରେ ମଣିବନ୍ଧରେ ପରସ୍ପର ଉପରେ ଅଧୋମୁଖ ହୋଇ ମୋଡ଼ି ହୋଇଥିବ, ତେବେ ତାକୁ 'ନାଗବନ୍ଧ ହସ୍ତ' କୁହାଯାଏ ।

ଏଚ୍.ଆଇ.ଜି: ୮୫, ଫେଜ୍-୧
କାନନ ବିହାର, ପଟିଆ,ଭୁବନେଶ୍ୱର





ଅଭିଶ୍ରୀ ପ୍ରିୟଦର୍ଶିନୀ

# ଓଡ଼ିଶୀ ନୃତ୍ୟରେ ଘୁଙ୍ଗୁର

**ବିଶ୍ୱନିୟନ୍ତାଙ୍କ ଦ୍ୱାରା ଏ ଜଗତ ପରିଚାଳିତ । ଆଧ୍ୟାତ୍ମିକତା ଭାରତୀୟ କଳାର ସାରତତ୍ତ୍ୱ । ବହୁ ପୁରାତନ ଯୁଗରୁ ଧର୍ମ ସହ ହାତ ମିଶାଇ ଚାଲିଛି ଏହି କଳା । କାଳର କରାଳ ଗତିରେ ଭାଷା, ସାହିତ୍ୟ ଓ ଧର୍ମ ସହ ତାଳ ଦେଇ ଧୀରେ ଧୀରେ ଏହି କଳା ତା'ର କାୟା ବିସ୍ତାର କରିଛି । ତେବେ ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ ଯେ, ଓଡ଼ିଶା ତା'ର କଳା ଓ ସଂସ୍କୃତିକୁ ନେଇ ଅତ୍ୟନ୍ତ ଉନ୍ନତ ଓ ଗର୍ବିତ ମଧ୍ୟ । ଓଡ଼ିଶାର କଳା, ସଂସ୍କୃତି କଥା ଆସିଲେ, କଥା ଆସେ ଆମ ଗର୍ବ ଓ ଗୌରବ ଓଡ଼ିଶୀ ନୃତ୍ୟର, ଯାହାକୁ ନେଇ ଓଡ଼ିଶା ଆଜି ବିଶ୍ୱବିଦିତ । ଏହାର କଳା ଚାତୁରୀ ଏବଂ ବେଶଭୂଷା ସୁଦୂରରେ ଥିବା ବିଦେଶୀମାନଙ୍କ ପ୍ରାଣକୁ କରେ ଉତ୍‌ଫୁଲ୍ଲିତ ଓ ରୋମାଞ୍ଚକର । ଓଡ଼ିଶୀ ନୃତ୍ୟର ପ୍ରତିଟି ଭଙ୍ଗୀରେ ଥିବା ମାଧୁର୍ଯ୍ୟ କଳା ରସିକର ମନକୁ କରେ ଆକର୍ଷିତ ।**

ଓଡ଼ିଶୀର ଉତ୍ପତ୍ତି ମନ୍ଦିର ପ୍ରାଙ୍ଗଣରେ ନୃତ୍ୟରତ ଦେବଦାସୀ ଓ ପରେ ଗୋଟିପୁଅ ନୃତ୍ୟର ମିଳନରୁ ହୋଇଛି ବୋଲି ଇତିହାସ କହେ । ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଏହାର ମୂକସାକ୍ଷୀ । କୁହାଯାଏ ଯେ, ଓଡ଼ିଶୀ ଓ ପ୍ରଭୁ ଜଗନ୍ନାଥ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ । ଏହାର ପ୍ରତିଛବି ଦେଖିବାକୁ ମିଳେ ମନ୍ଦିର ଗାତ୍ରରେ ଖୋଦେଇ ହୋଇଥିବା ସେହି ନର୍ତ୍ତକୀମାନଙ୍କ ଭଙ୍ଗୀରୁ, ସତରେ ଓଡ଼ିଶୀ ନୃତ୍ୟର ଇତିହାସ ଓ ସଂସ୍କୃତି ଅତ୍ୟନ୍ତ ନିଆରା ଏବଂ ଉଚ୍ଚକୋଟୀର ।

## ଘୁଙ୍ଗୁର ବିନା ଅଧୁରା ଓଡ଼ିଶୀ ନୃତ୍ୟ

ଓଡ଼ିଶୀ ନୃତ୍ୟର ଅଙ୍ଗଭଙ୍ଗୀ ଓ ପଦଚାଳନା ଯେତିକି ମନଲୋଭା, ତା'ର ସାଧନା ମଧ୍ୟ ଅତ୍ୟନ୍ତ କଷ୍ଟକର । ଯେତେବେଳେ କେହି ବାଳିକା ବା ବାଳକଟିଏ ନୃତ୍ୟ ଶିକ୍ଷା ନିମନ୍ତେ ନୃତ୍ୟଶାଳାକୁ ଆସିଥାଏ, ପ୍ରଥମେ ତାଙ୍କୁ ସେହି କଠୋର ପଦଚାଳନା ଓ ଅଙ୍ଗଭଙ୍ଗୀର ଉପକ୍ରମ ଦିଆଯାଏ ଏବଂ ଅଙ୍ଗଶୁଦ୍ଧି ଓ ପଦଶୁଦ୍ଧି କରାଯାଇଥାଏ, ଯାହାକି ପାଖାପାଖି ଏକରୁ ଦୁଇ ବର୍ଷ ଲାଗିଯାଇଥାଏ । ଧୀରେ ଧୀରେ ପାଦ ଏହି ନୃତ୍ୟ ପାଇଁ ହୋଇଯାଏ ସମର୍ପିତ । ଓଡ଼ିଶୀର 'ବୋଲ୍' ବା 'ଉକୁଟ'କୁ ସତେ ଯେପରି ପାଦଦ୍ୱୟ ଅନେଇ ରୁହନ୍ତି ଚାତକ ଭଳି । ମନରେ ଉଚ୍ଚ ଆଶା ଓ ଆକାଂକ୍ଷା ସହ ନର୍ତ୍ତକ ବା ନର୍ତ୍ତକୀ କରେ ମଞ୍ଚ ପ୍ରବେଶ । ଦେହରେ ଖଣ୍ଡୁଆ ପାଟ, ମଥାରେ ମଥାମଣି, ଖୋଷାରେ ଟାହିଆ ଓ ଖୋଷାଫୁଲ ସହ ସିନ୍ଥି ତା'ର ସୌନ୍ଦର୍ଯ୍ୟକୁ କରେ ଦ୍ୱିଗୁଣିତ । ବେକରେ ହାର, ବାହୁରେ ତାଇତ, ହାତରେ ଚୁଡ଼ି, କଟିଦେଶରେ ବେଙ୍ଗପାଟିଆ ରୂପକୁ କରେ ଚିତ୍ତାକର୍ଷକ । ତେବେ କହିବା ଯଥାର୍ଥ ଯେ. ଏହି ସବୁ ଅଳଙ୍କାର ବେଶଭୂଷା ବ୍ୟର୍ଥ ହୋଇଯାଏ, ଯେବେ ତା' ପାଦରେ ନଥାଏ, ତା'ର ପ୍ରାଣ ଅଥବା ନୃତ୍ୟର ଆତ୍ମା ଅର୍ଥାତ୍ ଘୁଙ୍ଗୁର, ଯାହା ବିନା ଓଡ଼ିଶୀ ନୃତ୍ୟ ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନି । ଅନେକ ନୃତ୍ୟ ବିଦୁଷୀ ବା ବିଦୂଷକଙ୍କ ମତରେ, ଅନ୍ୟ ଅଳଙ୍କାର ଯଦି କିଛି ନ ବି ପିନ୍ଧାଯାଏ, ତେବେ ହୁଏତ ଗ୍ରହଣଯୋଗ୍ୟ, କିନ୍ତୁ ଘୁଙ୍ଗୁର ବିନା ନୃତ୍ୟ ନିରର୍ଥକ, ନିଷ୍ଫଳ ।

ଯଦି ଏକ ନୌକାରେ ନାବିକ ନ ଥାଏ, ନୌକା ଯେପରି ଇତସ୍ତତ ହୁଏ, ଘୁଙ୍ଗୁର ବିନା ଜଣେ ନୃତ୍ୟଶିଳ୍ପୀର ନୃତ୍ୟ ମଧ୍ୟ ସେହିପରି ଅସଫଳ ହୁଏ । ନୌକାର ନାବିକ ପରି ନର୍ତ୍ତକୀର ଘୁଙ୍ଗୁର ମଧ୍ୟ ଏକାନ୍ତ ଆବଶ୍ୟକ । ଯେତେବେଳେ ନୃତ୍ୟଶିଳ୍ପୀ ମଞ୍ଚ ପ୍ରବେଶ କରେ ତା'ର ଘୁଙ୍ଗୁରର ରୁଣୁଝୁଣୁ ଝଙ୍କାର ନର୍ତ୍ତକୀ ଏବଂ ଦର୍ଶକର ମନରେ ଅହେତୁକ ଆନନ୍ଦ ଆଣିଦିଏ ।

ଘୁଙ୍ଗୁର ଶବ୍ଦ ବିନା ନୃତ୍ୟଶିଳ୍ପୀ ନୃତ୍ୟ କରିବା ପାଇଁ ଅସୁବିଧା ଅନୁଭବ କରେ । ଆଉ ଉପଲବ୍ଧି କରେ ଏକ ଅଙ୍ଗହୀନ ଅକର୍ମଣ୍ୟର ବେଦନା । ନୃତ୍ୟ ମଣ୍ଡପରେ ନର୍ତ୍ତକୀ ପାଦ ଦେବା ଆଗରୁ ହିଁ ଘୁଙ୍ଗୁରକୁ ନିଜର ଜୀବନସାଥୀ ରୂପେ ମାନି ନେଇଥାଏ । ଏହି ଘୁଙ୍ଗୁରର ପ୍ରୟୋଜନ ଏପରି ଯେ ନର୍ତ୍ତକୀ ତା'ର ଭବିଷ୍ୟତର କଳ୍ପନା ଏହି ଘୁଙ୍ଗୁର ରୁଣୁଝୁଣୁ ଶବ୍ଦକୁ ନେଇ କରିଥାଏ । ଯେପରି ଘୁଙ୍ଗୁର ଏକ ନୃତ୍ୟଶିଳ୍ପୀର ଅବିଚ୍ଛେଦ୍ୟ ଅଙ୍ଗ! ସେଥିପାଇଁ ତ ଘୁଙ୍ଗୁରକୁ ନୃତ୍ୟଶିଳ୍ପୀ ତା'ର ଇଷ୍ଟ ରୂପେ ମାନିଥାଏ । ସେଥିପାଇଁ ନୃତ୍ୟ ଆରମ୍ଭରୁ ଏବଂ ନୃତ୍ୟ ଶେଷରେ ଏହାକୁ ସମ୍ମାନ ଓ ଧନ୍ୟବାଦ ଜ୍ଞାପନ ଉଦ୍ଦେଶ୍ୟରେ ମୁଣ୍ଡରେ ଛୁଆଁଇ ପ୍ରଣାମ କରେ । ନୃତ୍ୟ ଆରମ୍ଭରେ ନୃତ୍ୟର ଶୁଭ ମନାସି ଏବଂ ନୃତ୍ୟର ଶେଷରେ ଏକ ଉଜ୍ଜ୍ୱଳମୟ ଭବିଷ୍ୟତର କାମନା କରି ତା'ର ଚିରସାଥିକୁ ପ୍ରଣାମ କରି ସମ୍ମାନ ଦିଏ ।

କିଛି ଲେଖକଙ୍କ ମତାନୁସାରେ ଘୁଙ୍ଗୁର ହେଉଛି ଭଗବାନ ଶିବଙ୍କ ଦେଇଥିବା ବରଦାନ, ଯାହାକୁ ସେ ଜଗତବାସୀଙ୍କ ନିମନ୍ତେ ଉତ୍ସର୍ଗୀକୃତ କରିଥିଲେ । ପୁରାଣ ଅନୁଯାୟୀ ଶିବଙ୍କ ତାଣ୍ଡବର 'ତା' ଏବଂ ମାତା ପାର୍ବତୀଙ୍କ ଲାସ୍ୟର 'ଲା' ମିଳନରୁ ତାଳର ଉତ୍ପତ୍ତି । ତେଣୁ ଏହି ତାଳର ପ୍ରତିଛବି ସ୍ୱରୂପ ଘୁଙ୍ଗୁର ସ୍ଥାନ ବହୁ ଶୀର୍ଷରେ ।



## ପାଉଁଜିରୁ ଘୁଙ୍ଗୁର ନିକ୍ୱଣ

ପୁରାତନ କାଳରେ ଓଡ଼ିଶୀ ନୃତ୍ୟରେ ପାଉଁଜିର ବ୍ୟବହାର କରାଯାଉଥିଲା । ସ୍ତ୍ରୀମାନେ ପାଉଁଜି ଏବଂ କେବଳ ପୁରୁଷମାନେ ଘୁଙ୍ଗୁରର ବ୍ୟବହାର କରୁଥିଲେ । କାଳକ୍ରମରେ ମନୁଷ୍ୟର ବିଚାରରେ ପରିବର୍ତ୍ତନ ଘଟିଲା, ଆଉ ପରିବର୍ତ୍ତନ ହେଲା ଘୁଙ୍ଗୁରର ବ୍ୟବହାରରେ । କ୍ରମେ ଘୁଙ୍ଗୁରର ପ୍ରୟୋଜନ, ବ୍ୟବହାର ଓ ମହତ୍ତ୍ୱ ବଢ଼ିଲା । କାରଣ ଘୁଙ୍ଗୁର ଶବ୍ଦ କାହିଁ କେତେ ଗୁଣରେ ପାଉଁଜିଠାରୁ ଥିଲା ଅଧିକ ଏବଂ ଶ୍ରୁତିମଧୁର ମଧ୍ୟ । ତେଣୁ ଉଭୟ ସ୍ତ୍ରୀ ଓ ପୁରୁଷ ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ ସମୟରେ ଘୁଙ୍ଗୁରର ବ୍ୟବହାର କରିଚାଲିଲେ । ଅଦ୍ୟାବଧି ଘୁଙ୍ଗୁରର ବ୍ୟବହାର ହେଉଛି ଏବଂ ଆଗାମୀ ଦିନରେ ମଧ୍ୟ ହେବ । ଯେତେଦିନ ପର୍ଯ୍ୟନ୍ତ ମାନବ ସମାଜର ସ୍ଥିତି ରହିଥିବ, ଯେତେଦିନ ପର୍ଯ୍ୟନ୍ତ ଈଶ୍ୱରଙ୍କ ଅତୁଟ ପ୍ରତି ବିଶ୍ୱାସ ରହିଥିବ, ସେତେଦିନ ପର୍ଯ୍ୟନ୍ତ ଘୁଙ୍ଗୁର ପ୍ରତି ଆଦର ଓ ଭଲପାଇବା ରହିଥିବ ।

ନୃତ୍ୟ ସମୟରେ ନୃତ୍ୟଶିଳ୍ପୀ ବାଦ୍ୟର ତାଳେ ତାଳେ ଏବଂ ନୃତ୍ୟର ଛନ୍ଦେ ଛନ୍ଦେ ପାଦଦ୍ୱୟକୁ ପକାଇ ନିଜକୁ ଅନ୍ୟ ସୁନେଲି ରାଇଜରେ ହଜାଇ ନାଚି ଚାଲିଥାଏ । ନୃତ୍ୟଶିଳ୍ପୀକୁ ଘୁଙ୍ଗୁର ତା' ଛାଇ ପରି ଲାଗି ରହିଥାଏ, ଠିକ୍ ମୁଦ୍ରାର ଦୁଇପାର୍ଶ୍ୱ ପରି । ଏହା ହିଁ ହେଉଛି ଘୁଙ୍ଗୁର ଆବଶ୍ୟକତା ନୃତ୍ୟ ପାଇଁ । ଏହାର ନିଦର୍ଶନକୁ ଦେଖାଇବାକୁ ଯାଇ, ମୂର୍ତ୍ତି କାରିଗରମାନେ ମଧ୍ୟ ବାଦ୍ ପଡ଼ିନାହାନ୍ତି । ଭୁବନେଶ୍ୱରର ଲିଙ୍ଗରାଜ, ମୁକ୍ତେଶ୍ୱର ଆଦି ଅନେକ ପ୍ରାଚୀନ ଶୈବ ମନ୍ଦିରରେ ଏହାର ପ୍ରତିଛବି ଦେଖିବାକୁ ମିଳିଥାଏ । ତେବେ ଶେଷରେ ଏତିକି କହିବା ବାହୁଲ୍ୟ ମାତ୍ର ଯେ, ଘୁଙ୍ଗୁର ନୃତ୍ୟରେ ଆଣେ ଶୃଙ୍ଖଳା ଓ ଅନୁଶାସନ । ତେଣୁ ଏହି ଘୁଙ୍ଗୁର ଏକ ନୃତ୍ୟଶିଳ୍ପୀର ଅବିଚ୍ଛେଦ୍ୟ ଅଙ୍ଗ । ■



ଓଡ଼ିଶୀ ନୃତ୍ୟ ଶିଳ୍ପୀ
ନୃତ୍ୟ ନିଗମ ଏକାଡ଼େମୀ, ଭୁବନେଶ୍ୱର



# ଓଡ଼ିଶୀର ବେଶଭୂଷା



ପ୍ରିୟଦର୍ଶିନୀ ପ୍ରଧାନ

**ଓଡ଼ିଶୀ ନୃତ୍ୟର ଲୋକପ୍ରିୟତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତେବେ ଏହି ନୃତ୍ୟ ପାଇଁ ଏକ ସ୍ୱତନ୍ତ୍ର ଆହାର୍ଯ୍ୟ ସ୍ଥିରୀକୃତ ହୋଇଛି । କେଶ ବିନ୍ୟାସଠାରୁ ଆରମ୍ଭ କରି ସ୍ୱତନ୍ତ୍ର ବସ୍ତ୍ରଧାରଣ, ଗଳା, କାନ, କଟିର ସାଜସଜ୍ଜାର ସ୍ୱତନ୍ତ୍ରତା ରହିଛି । ଓଡ଼ିଶୀ ନୃତ୍ୟରେ ପରିପାଟୀକୁ ନେଇ ଆମର ସ୍ୱତନ୍ତ୍ର ଉପସ୍ଥାପନା ।**

ଅଭିନୟ ଚନ୍ଦ୍ରିକା ଅନୁଯାୟୀ, ଅଙ୍ଗସଜ୍ଜା ତିନି ପ୍ରକାରର । ସେଗୁଡ଼ିକ ହେଲା ପୁଷ୍ପଚୂଡ଼, ଅର୍ଦ୍ଧବକ୍ରକ ଓ କଟୀବେଣୀ । ମସ୍ତକର ଉଭୟ ପାର୍ଶ୍ୱରେ ସୁବର୍ଣ୍ଣ ନିର୍ମିତ କାକରା ଓ ରାଗଡ଼ା, ସମ୍ମୁଖ ଭାବରେ ଚନ୍ଦ୍ର ଓ ପାର୍ଶ୍ୱ ଭାଗରେ ମଧ ଚନ୍ଦ୍ର ଥାଇ ମସ୍ତକର ମଧ ଭାଗରେ ମଥାମଣି ଓ ମନୋହର କେତକୀ ଏହିପରି ସୁବର୍ଣ୍ଣ ଅଳଙ୍କାର ଦ୍ୱାରା ମସ୍ତକ ମଣ୍ଡନ କରାଯାଇଥାଏ ।

**ଟାହିଆ** : ସଜଫୁଲରେ ଟାହିଆ ତିଆରି କରିବା କଳା ବିକାଶ କେନ୍ଦ୍ରର ଗୁରୁକେଳୁଚରଣ ମହାପାତ୍ର ଆରମ୍ଭ କରିଥିଲେ । କିଆଫୁଲ, କିଆପତ୍ର ଏବଂ ତାଳପତ୍ରରେ ମୁଖ୍ୟତଃ ଟାହିଆ ତିଆରି ହେଉଥିଲା । ସବୁସ୍ଥାନରେ ସଜଫୁଲ ନ ମିଳିବାରୁ ପରବର୍ତ୍ତୀ ସମୟରେ ସୋଲର ଟାହିଆ ତିଆରି କରାଯାଇଥିଲା । ସୋଲ ଟାହିଆ ହେଉଛି ଓଡ଼ିଶୀ ଆହାର୍ଯ୍ୟର ପରିଚୟ । ସୋଲ ଟାହିଆରେ ହିଁ ଆମ କାରିଗରୀ ସୃଜନଶୀଳତା ପ୍ରଦର୍ଶିତ ହୁଏ । ମୁଖ୍ୟତଃ ଏହି ଟାହିଆରେ କେଶରେ ଲଗାଯାଇଥାଏ ।

**ମୁଖମଣ୍ଡଳ** : ଓଡ଼ିଶୀ ନୃତ୍ୟରେ ମୁଖମଣ୍ଡଳର ସାଜସଜ୍ଜା ବେଶ୍ ଗୁରୁତ୍ୱ ବହନ କରେ । ପୂର୍ବରୁ ପରମ୍ପରା ଅନୁଯାୟୀ, ଓଡ଼ିଶୀ ନୃତ୍ୟଶିଳ୍ପୀ ରୁପାର ଅଳଙ୍କାର ପିନ୍ଧୁଥିଲେ । ଦୁଇ କାନରେ କୋରକ ବା କାପ, ପୁରୁଷମାନେ ତ୍ରିଗଣ୍ଠି କୁଣ୍ଡଳ ବା ବିର୍‌ବଲ୍ଲୀ, କାନର ଭାଗରେ ନାଗସାପ ଓ ବେକରେ ଚାପସରି ପିନ୍ଧିଥାନ୍ତି । ମୁଖ୍ୟତଃ ଏହି ଅଳଙ୍କାର କଟକ ତାରକସୀର କାମ ହୋଇଥାଏ । ଏବେ ରୁପାର ଦରଦାମ ଅଧିକ ହୋଇଯାଇଥିବାରୁ ଅଧିକାଂଶ ଓଡ଼ିଶୀ ନୃତ୍ୟଶିଳ୍ପୀ ହ୍ୱାଇଟ ମେଟାଲ, ଜର୍ମାନ ସିଲଭର୍ ଆଦିର ଅଳଙ୍କାର ପିନ୍ଧୁଛନ୍ତି ।

**ବକ୍ଷଦେଶ** : ଓଡ଼ିଶୀ ନୃତ୍ୟଶିଳ୍ପୀ ବକ୍ଷରେ କାଞ୍ଚୁଲା, ଉପରେ ଅମଳକୀ, ସସର୍ପ ଓ ଚମ୍ପାକଢ଼ି ମାଳ ପିନ୍ଧିବା ନିୟମ ଅଛି । ରତ୍ନମଣ୍ଡିତ ସୁନ୍ଦର ରଙ୍ଗର କାଞ୍ଚୁଲା ବକ୍ଷରେ ଦୃଢ଼ଭାବରେ ବନ୍ଧାଯାଏ । ବକ୍ଷ ମଧ ଭାଗରେ ମୁଖପଦକ ରଖି ସମାନ ଭାବରେ ପଦକ ଓ ତିଳକ ନାଇବା ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ନିୟମ ରହିଛି ।

**କପାଳ** : ଓଡ଼ିଶୀ ନୃତ୍ୟ ପାଇଁ କପାଳ ସାଜସଜ୍ଜାର ସ୍ୱତନ୍ତ୍ର ବିଧି ରହିଛି । କପାଳରେ ଗୋରଚନା ଲେପନା କରି ଭୃଲତା ମଝିରେ ସିନ୍ଦୂର ବିନ୍ଦୁ, ଚିବୁକରେ କଳାରଙ୍ଗର ମକ୍ଷିକା ଚିହ୍ନ ଓ ଆଖିରେ ମାଛ ପିଠିଆ ଧାରୁଆ କଜଳ ଗାର ଅଙ୍କନ କରାଯାଏ । ମୁଖ୍ୟତଃ ଏହା କୁଙ୍କୁମରେ ତିଆରି କରାଯାଇଥାଏ ।

**ବାହୁ** : ଓଡ଼ିଶୀ ନୃତ୍ୟଶିଳ୍ପୀ ବାହୁରେ ତାୟିତ, କଙ୍କଣ, ତାଡ଼କା ଓ ରସନା ବାଙ୍କି ତାମାଡ଼ା କବଚ ପିନ୍ଧିଥାନ୍ତି । କରର ନିମ୍ନ ଭାଗରେ ଅତୁଳ, କଲ୍ୟାରୀ, କଙ୍କଣ ପିନ୍ଧିବାର ନିୟମ ରହିଛି । ସେହିପରି ଦୁଇ ହାତର ପାପୁଲିକୁ କୁଙ୍କୁମରେ ରଙ୍ଗ କରାଯାଏ ।

**କଟୀ** : ନାଭି ପାଖରେ ବେଙ୍ଗପାଟିଆ ଓ ତା' ଉପରେ କାପମାଳା ପିନ୍ଧିବା ଉଚିତ । କଟୀର ନିମ୍ନଭାଗରେ କିଙ୍କିରୀ ଓ ତା' ଉପରେ ଝୋବାମଣ୍ଡନ କରାଯାଏ । ବେଙ୍ଗପାଟିଆ ଉପର ଧାଡ଼ିରେ କାପମାଳା, ମଝିରେ ଗୋଲ ଚନ୍ଦ୍ରଟିକା ମାଳା ଏବଂ ନିମ୍ନ ଭାଗରେ ଠିକିର ବା ବେଙ୍ଗପାଟିଆ ରହିଥାଏ । ବେଙ୍ଗପାଟିଆ ହେଉଛି ଓଡ଼ିଶୀ ନୃତ୍ୟର ଆକର୍ଷଣୀୟ ଅଳଙ୍କାର ।

**ପାଦ**: ଗୋଡ଼ରେ ଗପୁଆଣି ଓ ପାଦରେ ନୂପୁର, ପାହୁଡ଼, ବଳା ପିନ୍ଧା ଯାଉଥିଲା ଏବଂ ପାଦର ଆଙ୍ଗୁଠିଗୁଡ଼ିକୁ ଅଳତା ଦ୍ୱାରା ରଞ୍ଜିତ କରାଯାଉଥିଲା । ତେବେ ବର୍ତ୍ତମାନ ନୂପୁର ଏବଂ ପାଉଁଜି ବ୍ୟବହାର କରାଯାଉଛି ।

**ବସ୍ତ୍ର** : ଓଡ଼ିଶୀ ବସ୍ତ୍ରରେ ବୁଣାକାରମାନଙ୍କର ହସ୍ତକଳା, ହସ୍ତଶିଳ୍ପ ଆଦି ନୃତ୍ୟଶିଳ୍ପୀଙ୍କ ରୂପକୁ ବହୁଗୁଣିତ କରିବା ସହ ଓଡ଼ିଶୀ ନୃତ୍ୟର ପରିଚୟ ବହନ କରେ । ଅତୀତରେ ବ୍ରହ୍ମପୁରୀ ପାଟ ଓ ସମ୍ବଲପୁରୀ ଖଣ୍ଡୁଆ ଫେର ଦେଇ ନୃତ୍ୟଶିଳ୍ପୀମାନେ ପିନ୍ଧୁଥିଲେ । ମାହାରୀମାନେ କାଣୀଆ କଚ୍ଛାମାରି ଶାଢ଼ି ପିନ୍ଧୁଥିଲେ । କନ୍ଧ ନୃତ୍ୟ କରୁଥିବା ଗୋଟିପୁଅମାନେ ପାଟ ଶାଢ଼ିର ଦୁଇ ମୁହଁକୁ ଚଉଡ଼ା କରି କୁଞ୍ଚ କରୁଥିଲେ । ଦୁଇ ପଟକୁ ବୁଲାଇ ଆଣି ଅଣ୍ଟାରେ ଖୋଷୁଥିଲେ । ସେମାନେ ମଧ ଫେର ଦେଇ ଶାଢ଼ି ପିନ୍ଧୁଥିଲେ । ■

ନୃତ୍ୟ ଶିଳ୍ପୀ, ଭୁବନେଶ୍ୱର.

## ଓଡ଼ିଶୀ ନୃତ୍ୟରେ ବାଦ୍ୟଯନ୍ତ୍ର

**ଓଡ଼ିଶାରେ ନୃତ୍ୟ, ଅଭିନୟ, ଭାବଭଙ୍ଗୀ, ଆଭୂଷଣ, ବେଶପୋଷାକ ଆଦିର ବିଶେଷ ମହତ୍ତ୍ୱ ଥାଏ । ସେହିପରି ବାଦ୍ୟଯନ୍ତ୍ର ବିନା ନୃତ୍ୟ ଅଧା । ତେଣୁ ଓଡ଼ିଶୀ ନୃତ୍ୟ ଶୈଳୀର ମଧ ବିଶେଷ ବାଦ୍ୟଯନ୍ତ୍ର ବ୍ୟବହାର ହୋଇଥାଏ । ଯାହା ମଞ୍ଚରେ ନୃତଶିଳ୍ପୀଙ୍କୁ ନୃତ୍ୟ ପ୍ରଦର୍ଶିତ କରାଇବାରେ ସହାୟକ ହୋଇଥାଏ । ଓଡ଼ିଶୀ ନୃତ୍ୟରେ ବ୍ୟବହାର ହେଉଥିବା ପାରମ୍ପରିକ ବାଦ୍ୟଯନ୍ତ୍ରକୁ ନେଇ ଏହି ଉପସ୍ଥାପନା ।**

### ମର୍ଦ୍ଦଳ

ମର୍ଦ୍ଦଳ ଏକ ପାରମ୍ପରିକ ତାଳବାଦ୍ୟ ଭାବେ ଜଣାଯାଏ । ଏହା ଏକ ଦ୍ୱିମୁଖୀ ଢୋଲ ହୋଇଥାଏ । ଯାହା ଓଡ଼ିଶୀ ସଙ୍ଗୀତରେ ଲୟ ପ୍ରଦାନ ପାଇଁ ବାଦନ କରାଯାଏ । ଓଡ଼ିଶୀ ସଙ୍ଗୀତରେ ମର୍ଦ୍ଦଳ ଏକ ଆନଦ୍ଧ ବାଦ୍ୟ ରୂପେ ଜଣାଯାଏ । କାଠ ଓ ଚମଡ଼ାରେ ନିର୍ମିତ ଏହି ମର୍ଦ୍ଦଳ ସଙ୍ଗୀତର ପ୍ରକୃତି ପ୍ରାଣ । ଏହା ଓଡ଼ିଶୀ ସଙ୍ଗୀତକୁ ପରିଚିତ କରାଏ । ଏହାକୁ ବାଦ୍ୟକରମାନେ ବେକରେ ଝୁଲାଇ ହାତ ସାହାଯ୍ୟରେ ବଜାଇଥାନ୍ତି ।

### ହାରମୋନିୟମ୍

ହାରମୋନିୟମ୍ କାଠ ଓ ଧାତୁ ନିର୍ମିତ ଏକ ବାଦ୍ୟଯନ୍ତ୍ର । ଏହା ଭାରତୀୟ ସଙ୍ଗୀତ, ଲୋକନୃତ୍ୟ ଓ ଶାସ୍ତ୍ରୀୟ ସଙ୍ଗୀତ ସହ ସଂଯୋଗ ପାଇଁ ବ୍ୟାପକ ରୂପେ ବ୍ୟବହାର କରାଯାଏ । ଏଥିରେ ଏକ କି ବୋର୍ଡ ଥାଏ । ଏହାକୁ ହାତ ସାହାଯ୍ୟରେ ବଜା ଯାଇଥାଏ । ଏହାକୁ ଅଙ୍ଗୁଳିରେ ଦବାଇଲେ ପବନ ପ୍ରବାହ ଧାତୁ ରିଡ୍ ମଧ ଦେଇ ଗତି କରିଥାଏ । ଏଥିରୁ ଧ୍ୱନି ଓ କମ୍ପନ ସୃଷ୍ଟି ହୋଇଥାଏ ।

### ସୀତାର

ଭାରତୀୟ ଉପ ମହାଦ୍ୱୀପରୁ ଉତ୍ପନ୍ନ ଏକ ତାର ବାଦ୍ୟଯନ୍ତ୍ର ଭାବେ ସୀତାର ଜଣାଯାଏ । ଏହାକୁ ମୁଖ୍ୟତଃ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତରେ ବ୍ୟବହାର କରାଯାଏ । ସୀତାର ଫରାସୀ ଶବ୍ଦ 'ସୀତାର'ରୁ ଆଣାଯାଇଛି । ଯାହାର ଅର୍ଥ ଥିଲା ତିନି ତାର ଯୁକ୍ତ । ଗୋଟିଏ ସୀତାରରେ ୧୮, ୧୯, ୨୦ ଅଥବା ୨୧ ଟି ତାର ରହିଥାଏ । ଏହା କାଠ, ଧାତୁରୁ ତିଆରି ଏକ ବାଦ୍ୟଯନ୍ତ୍ର । ଉତ୍ତର ଭାରତ ଶାସ୍ତ୍ରୀୟ ସଙ୍ଗୀତରେ ଏକ ମାତ୍ର ବାଦ୍ୟଯନ୍ତ୍ର ଭାବେ ଏହା ବ୍ୟବହାର ହୋଇଥାଏ । ବାମହାତର ଅଙ୍ଗୁଳି ରାଗ ଉତ୍ପନ୍ନ ପାଇଁ, ତାର ବନ୍ଦ କରିବା ପାଇଁ କିମ୍ବା ଟାଣିବା ପାଇଁ ବ୍ୟବହୃତ ହୋଇଥାଏ ।



### ବଂଶୀ

ବଂଶୀ ବାଉଁଶରେ ନିର୍ମିତ ଏକ ବାଦ୍ୟଯନ୍ତ୍ର । ଏଥିରେ ପବନ ପ୍ରବେଶ ପରେ ଧ୍ୱନି ତଥା ଶବ୍ଦ ଉତ୍ପନ୍ନ ହୋଇଥାଏ । ସେହିପରି ଏହା ବିଭିନ୍ନ ପ୍ରକାରର ରହିଥାଏ । ଏହାକୁ ବିଭିନ୍ନ ସଙ୍ଗୀତ ଓ ନୃତ୍ୟରେ ବ୍ୟବହାର କରାଯାଏ । ଏହା ଲୋକ ସଙ୍ଗୀତ, ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟରେ ଲୋକପ୍ରିୟ ବାଦ୍ୟ ଭାବେ ଜଣାଯାଏ ।


### ମଞ୍ଜିରା

ମଞ୍ଜିରା ବା ଗିନି ଭାରତର ଏକ ପାରମ୍ପରିକ ତାଳ ବାଦ୍ୟଯନ୍ତ୍ର ଭାବେ ପରିଚିତ । ଏହା ପିତ୍ତଳ ଓ କଂସା ଧାତୁରେ ନିର୍ମିତ ଛୋଟ ତାଟିଆ ଭଳି ହୋଇଥାଏ । ଏହାକୁ ଭଜନ, ଲୋକସଙ୍ଗୀତ ଓ ଶାସ୍ତ୍ରୀୟ ନୃତ୍ୟର ପ୍ରସ୍ତୁତିରେ ତାଳ, ଲୟ ଦେବା ପାଇଁ ଏହାକୁ ଢୋଲ ଓ ହାରମୋନିୟମ୍ ସହିତ ବଜାଯାଏ । ସେହିପରି ଏହାକୁ ତାଳ ବା ଖଜଣି ଭାବେ ମଧ ବ୍ୟବହାର କରାଯାଏ । ଏହାକୁ ପରସ୍ପର ସହ ଖଜଣୀ କରି ବଜା ଯାଇଥାଏ । ଏହା ଭକ୍ତି ଓ ଧାର୍ମିକ ସଙ୍ଗୀତରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ■

# ସମୃଦ୍ଧ ଓଡ଼ିଶୀ ନୃତ୍ୟ ପରମ୍ପରା

ଭାରତର ଶାସ୍ତ୍ରୀୟ ନୃତ୍ୟଗୁଡ଼ିକ ମଧ୍ୟରୁ ଅନ୍ୟତମ ଓଡ଼ିଶୀ । ଏହି ନୃତ୍ୟ ବହୁ ପ୍ରାଚୀନ । ଓଡ଼ିଶୀ ନୃତ୍ୟର ଏକ ସମୃଦ୍ଧଶାଳୀ ଇତିହାସ ରହିଛି । ଗୁରୁଶିଷ୍ୟ ପରମ୍ପରା କ୍ରମେ ଏହି ନୃତ୍ୟ ବର୍ତ୍ତମାନ ଦେଶବିଦେଶରେ ବହୁ ପ୍ରସିଦ୍ଧି ଅର୍ଜନ କରିଛି । ତେବେ ଓଡ଼ିଶୀର ଇତିହାସ, ବର୍ତ୍ତମାନ, ଭବିଷ୍ୟତ ଆଦି ସଂପର୍କରେ ବିଶିଷ୍ଟ ନୃତ୍ୟଗୁରୁ, ନୃତ୍ୟଶିଳ୍ପୀ, ଗବେଷକମାନେ କ'ଣ କହନ୍ତି, ତାହାକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।





## ଓଡ଼ିଶୀ ନୃତ୍ୟ ମୋ ଜୀବନ

ଓଡ଼ିଶୀ ନୃତ୍ୟ ମୋର ଜୀବନ । ମୋ ଜୀବନ ଓଡ଼ିଶୀ ଭିତରେ ହିଁ ରହିଛି । ତେଣୁ ଓଡ଼ିଶା ମୋର କର୍ମଭୂମି ପାଲଟିଛି । ଏହି ନୃତ୍ୟ ଭିତରେ ହିଁ ମୋର ଶାନ୍ତି, ସୁଖ, ଦୁଃଖ, ଖୁସି ସବୁ ଭରି ରହିଛି । ଭଗବାନଙ୍କ ଆଶୀର୍ବାଦ ଆଉ ମୋର ସୌଭାଗ୍ୟ ଯେ, ମୁଁ ଗୁରୁ କେଳୁଚରଣ ମହାପାତ୍ରଙ୍କ ପାଖରୁ ଓଡ଼ିଶୀ ଶିଖିଛି । ତାଙ୍କ ନୃତ୍ୟ ପ୍ରକୃତି, ସଂସ୍କୃତି, ପୂଜା, ପାର୍ବଣ ଆଦି ସହିତ ସଂଯୋଗ ରହୁଥିଲା । ତେଣୁ ତାଙ୍କ ନୃତ୍ୟ ମୋତେ ବେଶ୍ ପ୍ରଭାବିତ କରିଥିଲା । ଓଡ଼ିଶୀ ନୃତ୍ୟର ବହୁତ ଗଭୀରକୁ ମୁଁ ପ୍ରବେଶ କରିପାରିଛି । ଗୁରୁ ମୋତେ ଯେଉଁ ଶୈଳୀରେ ଓଡ଼ିଶୀ ଶିଖାଇଛନ୍ତି ବା ତାଙ୍କଠାରୁ ମୁଁ ଯାହା ଜ୍ଞାନ ଆହରଣ କରିଛି ତାହା ବହୁତ ସରଳ । ଜଣେ ଏହାକୁ ସହଜରେ ଗ୍ରହଣ କରିପାରିବ । ଯୁଗ ଯୁଗକୁ ସେହି ଶୈଳୀକୁ ଅନୁକରଣ କରି ମୁଁ ନୃତ୍ୟ ପରିବେଷଣ କରୁଛି । ଆଉ ଏହା ଲୋକାଦୃତ ହୋଇପାରୁଛି । ମୋର ମୂଳଦୂଆ ସୁଦୃଢ଼ ଥିବାରୁ ମୁଁ ନୂଆ କୋରିଓଗ୍ରାଫି କଲେ ବି ପୁରୁଣା ଓ ନୂଆ ଶୈଳୀକୁ ନେଇ ଆଗକୁ ଚାଲୁଛି । ମୁଁ ମୋର ଶିଷ୍ୟମାନଙ୍କୁ ଗୁରୁଙ୍କ ନୃତ୍ୟ ଶୈଳୀରେ ଶିଖାଉଛି । ଏଥିରୁ କେବେ ବିଚ୍ୟୁତ କରିବିନି । ସେହିପରି ନୃତ୍ୟରେ ମୁଁ ନିଜେ କମ୍ପୋଜ କରେ । ନୃତ୍ୟ ମାଧ୍ୟମରେ ମୁଁ ସମାଜକୁ କିଛି ବାର୍ତ୍ତା ଦେବାକୁ ଚେଷ୍ଟା କରିଥାଏ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯଦି ମୂଳଦୁଆ ଠିକ୍ ରହିବ ଜଣେ ନିଜକୁ ଭଲ କରି ଗଢ଼ିପାରିବ । ଓଡ଼ିଶୀ ନୃତ୍ୟ ଭିତରେ ପ୍ରବେଶ କରିବାକୁ ହେଲେ ଜଣେ ସେତିକି ନିଷ୍ଠାପର ରହିବା ଆବଶ୍ୟକ । ଗୀତର ଅର୍ଥ, ତା ସହିତ ଜଡ଼ିତ ସଂସ୍କୃତି, ନିର୍ଦ୍ଦିଷ୍ଟ ତାଳ, ପୌରାଣିକ କଥାବସ୍ତୁ ଆଦିକୁ ଭଲଭାବେ ବୁଝିବା ଆବଶ୍ୟକ । ଗୀତର ତାଳେ ତାଳେ ସଠିକ୍ ଅଙ୍ଗଭଙ୍ଗୀ ମାଧ୍ୟମରେ ନୃତ୍ୟ କଲେ ଏହା ଦର୍ଶକଙ୍କୁ ଆକୃଷ୍ଟ କରେ । ■

**ଇଲିଆନା ସୀତାରିଷ୍ଟ** , ଓଡ଼ିଶୀ ନୃତ୍ୟଗୁରୁ



## ଓଡ଼ିଶୀ ନୃତ୍ୟର ଭବିଷ୍ୟତ ଉଜ୍ଜ୍ୱଳ

ଓଡ଼ିଶୀ ନୃତ୍ୟ ଆମ ଓଡ଼ିଶାର ଲୋକକଳା ପରମ୍ପରା, ଗ୍ରାମୀଣ କଳା, ଜନଜାତି କଳାର ମିଶ୍ରଣରୁ ସାଉଁଟି ନିଆଯାଇଛି ତାହାର ସାରବତ୍ତା । ମାହାରୀ, ଗୋଟିପୁଅ, ସଖୀନାଟ, ସାହିଯାତ, ପ୍ରହ୍ଲାଦ ନାଟକ, ଗୀତିନାଟ୍ୟ ଆଦି ପ୍ରାଦେଶିକ ନୃତ୍ୟକଳାର ବ୍ୟାକରଣକୁ ନେଇ ଏହାର କଳେବର ବୃଦ୍ଧି କରାଯାଇଛି । ସେଇ ସବୁ କଳା ସହିତ ଯେଉଁ ସବୁ ଗାଥା, କଥା, ବ୍ୟାକରଣ ଅଛି, ସେଇ ସବୁକୁ ମଧ୍ୟ ଗୋଟା ଯାଇଛି । ପରେ ତାକୁ ସୁନ୍ଦର ଭାବେ ସଜାଯାଇଛି, ଯେମିତି ଗୋଟିଏ ଶାସ୍ତ୍ରୀୟ ଅନୁମୋଦିତ ହେବ ବୋଲି । ଦ୍ୱିତୀୟରେ ଫ୍ୟୁଜନର୍ ଅର୍ଥ ଖରାପ କିମ୍ବା ନକାରାତ୍ମକ ନୁହେଁ । ଏହାର ଅର୍ଥ ଦୁଇଟି କଳାର ସମସାମୟିକ ମିଶ୍ରଣରେ ଗୋଟିଏ ସୁନ୍ଦର ଅନବଦ୍ୟ ସୃଷ୍ଟିକୁ ବୁଝାଏ । ଜର୍ଜ ହାରିସନ୍‌ଙ୍କ ସହିତ ରବିଶଙ୍କର ଫ୍ୟୁଜନ୍ କରିଥିଲେ । କିନ୍ତୁ ଏଥିରେ କେହି ନିଜ କଳାର ସ୍ୱତନ୍ତ୍ରତାକୁ ହରାଇ ନ ଥିଲେ । ଦୁଇଟି କଳାର ସ୍ୱତନ୍ତ୍ରତାକୁ ବଜାଇ ରଖି ସେମାନେ ଫ୍ୟୁଜନ୍ କରିଥିଲେ । ତେବେ କଳାର ସୁନ୍ଦରତା, ସୌଷ୍ଠବତା, ପ୍ରାଦେଶିକ ମୂଲ୍ୟବୋଧକୁ ଆମେ ଭଙ୍ଗ କଲେ ଏହା ବିକୃତ ହୋଇଯାଏ । ଯାହାକୁ ନେଇ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ତେଣୁ ସେଥିରୁ ଯେଉଁ ରସ ସୃଷ୍ଟି ହେବା କଥା, ତାହା ଭଙ୍ଗ ହେଉଛି । ଏହାକୁ ପ୍ରୋତ୍ସାହିତ କରିବା ଅନୁଚିତ । ଓଡ଼ିଶୀ ରସକୁ ଦର୍ଶକେ ହୃଦୟଙ୍ଗମ କଲେ ଏହା ପ୍ରସ୍ଫୁଟିତ ହୁଏ । କଳା ଲୋକାଦୃତ ହେଲେ ଏହା ବୃଦ୍ଧି ପାଏ । ଯଦି କଳା ଲୋକମାନଙ୍କ ଦ୍ୱାରା ଆଦୃତ ନ ହେଲେ ଲୋପ ପାଇଯାଏ । ଓଡ଼ିଶୀ ନୃତ୍ୟର ଭବିଷ୍ୟତ ଉଜ୍ଜ୍ୱଳ । କାରଣ ଯେଉଁ କେତେ ଜଣ ମୁଷ୍ଟିମେୟ ହୁଅନ୍ତୁ ବା ବହୁତ ସଂଖ୍ୟକ ହୁଅନ୍ତୁ, ଯିଏ ଓଡ଼ିଶୀର ଗଭୀରତାକୁ ଯାଇଛି, ମାପିଛି, ଓଡ଼ିଶାର ପାଣିପବନ, ମାନବିକତା, ମୂଲ୍ୟବୋଧକୁ ବୁଝିଛି, ସେ କେବେହେଲେ ଏହାକୁ ବିକୃତ କରିପାରିବ ନାହିଁ । ଓଡ଼ିଶୀ ନୃତ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ହେଲେ, ଏହାକୁ ଲୋକଙ୍କ ଜୀବନ ସହିତ ମିଶାଇବାକୁ ପଡ଼ିବ । ଓଡ଼ିଶୀକୁ ଯେତେବେଳେ ଆମେ ମନ୍ଦିର ଗାତ୍ରରୁ ଆଣି ଆଜି ମଞ୍ଚରେ ପ୍ରଦର୍ଶନ କରିଛୁ, ସେହି ଯାତ୍ରା ଓଡ଼ିଶୀ ନୃତ୍ୟକୁ ଋଦ୍ଧିମନ୍ତ କରିଛି । କେତେଜଣ ମୁଷ୍ଟିମେୟ ଏହାକୁ ନ ବୁଝି ତାକୁ କ୍ଷତବିକ୍ଷତ କରୁଛନ୍ତି । ଆମେମାନେ ଯେଉଁ କେତେ ଜଣ ଅଛୁ, ସେଇ କ୍ଷତକୁ ଭରିଦେଇ ଓଡ଼ିଶୀ ନୃତ୍ୟକୁ ସୁନ୍ଦର କରିବା ଆମର କର୍ତ୍ତବ୍ୟ । ■

**ଡକ୍ଟର ଅରୁଣା ମହାନ୍ତି**, ଓଡ଼ିଶୀ ନୃତ୍ୟଗୁରୁ



## ଓଡ଼ିଶୀ ନୃତ୍ୟରେ ଫ୍ୟୁଜନ୍ କରିବା ଯୁକ୍ତିଯୁକ୍ତ

ଓଡ଼ିଶୀ ନୃତ୍ୟ ହେଉଛି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରିୟ ନୃତ୍ୟ । ଯେତେବେଳେ ଆମେ ମହାପ୍ରଭୁଙ୍କ ପାଇଁ ଉଦ୍ଦିଷ୍ଟ କରୁଛୁ, ତାହା ସେତିକି ଭାଗମାପରେ ହେବା ଦରକାର । ତେଣୁ ମୁଁ ଯେତେବେଳେ ବି ଓଡ଼ିଶୀ ନୃତ୍ୟ କରେ ତାହାର ମାନକୁ କେବେ ବି ହ୍ରାସ କରିନାହିଁ । ସବୁବେଳେ ମହାପ୍ରଭୁଙ୍କ ଗୀତରେ ନୃତ୍ୟ ପରିବେଷଣ କରେ । ମୋତେ ଲାଗେ ଏହାକୁ ଦେଖି ଅନ୍ୟମାନେ ବି ପ୍ରେରଣା ପାଇବେ । ତେବେ ଏବେ ଯେଉଁ କିଛି ନୃତ୍ୟଶିଳ୍ପୀ ଓଡ଼ିଶୀ ନୃତ୍ୟକୁ ନେଇ ଫ୍ୟୁଜନ୍ କରୁଛନ୍ତି କି କଷ୍ଟ୍ୟୁମରେ କିଛି ପରିବର୍ତ୍ତନ କରନ୍ତି, ଏହାର ମୁଁ ବିରୋଧ । ଓଡ଼ିଶୀ ନୃତ୍ୟର ବିକାଶ ପାଇଁ ମୁଁ ନିଜସ୍ୱ ଶୈଳୀରେ ଛାନ୍ଦ, ଚମ୍ପୂ, ଜଣାଣ, ଭଜନ ଏସବୁକୁ ଗୁରୁତ୍ୱ ଦେବା ଆରମ୍ଭ କଲି । ଏହା ଦ୍ୱାରା ଓଡ଼ିଶୀ ନୃତ୍ୟରେ ଜଗନ୍ନାଥଙ୍କ ଉପସ୍ଥିତି ଅଧିକ ରହିପାରିଲା ବୋଲି ମୁଁ ଅନୁଭବ କଲି । ସେଥିରେ ସଫଳ ମଧ୍ୟ ହେଉଛି । ତେଣୁ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ବେଶ ଭୂଷାରେ ଓଡ଼ିଆତ୍ୱ ରହିବା ଦରକାର । ଓଡ଼ିଶୀର ପ୍ରଟୋକଲକୁ ପାଳନ କରି ମୁଁ ଯାହା କରିବା କଥା କରିଛି । ସେହିପରି ଓଡ଼ିଶୀରେ ଫ୍ୟୁଜନ କଥା କହିଲେ, ମୁଁ ଓଡ଼ିଶାର ଲୋକନୃତ୍ୟ ଯଥା- ରଣପା, କଠଉ, ଛଉ, ସମ୍ବଲପୁର ଆଦିକୁ ନେଇ ଫ୍ୟୁଜନ୍ କରିଛି । ଏହାଦ୍ୱାରା ଦେଶ ବିଦେଶରେ ଓଡ଼ିଶୀ ସହିତ ଓଡ଼ିଶାର ପାରମ୍ପରିକ ନୃତ୍ୟକୁ ଲୋକପ୍ରିୟ କରାଇ ପାରିଛି । ନୃତ୍ୟର ବିକାଶ ପାଇଁ ଶିକ୍ଷାର ଗୁରୁତ୍ୱ ଅଧିକ । ଭାଗବତ, ଆଧ୍ୟାତ୍ମିକ , ଗୀତା, ଶାସ୍ତ୍ର ଆଦିକୁ ପଢ଼ିବା ଦ୍ୱାରା ନୃତ୍ୟର ଗଭୀରକୁ ପ୍ରବେଶ କରିପାରିବା । ■

**ଶାଶ୍ୱତ ଯୋଶୀ,** ଓଡ଼ିଶୀ ନୃତ୍ୟଗୁରୁ


## ନୃତ୍ୟ ଅନୁଷ୍ଠାନ ଗଠନରେ ନିୟମାବଳୀ ଆବଶ୍ୟକ



ଓଡ଼ିଶୀ ହେଉଛି ଭାରତର ଏକ ଶାସ୍ତ୍ରୀୟ ନୃତ୍ୟ । ଓଡ଼ିଶୀ ନୃତ୍ୟର ଉତ୍ପତ୍ତି ଓଡ଼ିଶାର ବିଭିନ୍ନ ମନ୍ଦିରରୁ ହିଁ ସୃଷ୍ଟି ହୋଇଅଛି । ଧୀରେ ଧୀରେ ଏହା ଆମ ରାଜ୍ୟ, ଦେଶ, ବିଦେଶରେ ପ୍ରସିଦ୍ଧି ଲାଭ କରିପାରିଛି । ତେବେ ଆଜିର ଓଡ଼ିଶୀ ନୃତ୍ୟରେ କିଛି କିଛି ବ୍ୟତିକ୍ରମ ଦେଖାଦେଇଛି । ଯେପରିକି ଚଉକ ଏବଂ ତ୍ରିଭଙ୍ଗୀକୁ କିଛି କିଛି ନୃତ୍ୟଶିଳ୍ପୀ ସଠିକ୍ ରୂପେ ପରିବେଷଣ କରୁନାହାନ୍ତି । ଆଉ ମଧ କିଛି କିଛି ନୃତ୍ୟଶିଳ୍ପୀମାନେ ଓଡ଼ିଶୀର ପୋଷାକକୁ ସଠିକ୍ ରୂପେ ପରିଧାନ କରୁନାହାନ୍ତି । ଆମେ ଯଦି ବେଶ ପରିପାଟୀ କଥା କହିବା ତେବେ କିଛି ନୃତ୍ୟଶିଳ୍ପୀ ମୁହଁର ପ୍ରସାଧନ ମଧ ଉପଯୁକ୍ତ ଭାବେ କରୁନାହାନ୍ତି, ଅଳଙ୍କାରଗୁଡ଼ିକକୁ ମଧ ପରିମାର୍ଜିତ ଢଙ୍ଗରେ ପିନ୍ଧୁନାହାନ୍ତି । ଓଡ଼ିଶୀ ଡ୍ରେସ ଅପ୍, ମେକ୍‌ଅପ୍‌ରେ ଥାଇ ବାଜେ ସଙ୍ଗୀତରେ ନୃତ୍ୟ କରୁଛନ୍ତି । ଏସବୁକୁ ସେହି ପିଲାଙ୍କ ଗୁରୁ , ଅଭିଭାବକମାନେ ବାରଣ କରିବା ଉଚିତ । ଏସବୁ କଥାକୁ ଆଗକୁ ଧ୍ୟାନରେ ରଖିଲେ , ଓଡ଼ିଶୀ ନୃତ୍ୟର ଅବକ୍ଷୟ ହେବ ନାହିଁ । ତେଣୁ ସମସ୍ତ ବିଶିଷ୍ଟ ଗୁରୁମାନଙ୍କୁ ମୋର ବିନମ୍ର ପ୍ରାର୍ଥନା ରହିବ ଯେ, ଓଡ଼ିଶୀ ନୃତ୍ୟକୁ ନେଇ ଓଡ଼ିଶୀ ଶିକ୍ଷା କ୍ଷେତ୍ରରେ କିଛି ନିୟମାବଳୀ କରାଯାଉ । ଯେପରିକି ଜଣେ ବିଶାରଦ କରିଥିବା ଏବଂ ଅନେକ ବର୍ଷର ଅଭିଜ୍ଞତା ଥିବା ବ୍ୟକ୍ତି ହିଁ ଅନୁଷ୍ଠାନ କରିବାକୁ ସକ୍ଷମ ବା ଯୋଗ୍ୟ ହୋଇପାରିବ । ଯିଏ ମନ ଇଚ୍ଛା ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ଗଢ଼ି ପାରିବେ ନାହିଁ । ଓଡ଼ିଶୀ ନୃତ୍ୟ ଗାନ୍ଧର୍ବ କଳା, ଏହାକୁ ଆମେ ଯେତେ ଅଭ୍ୟାସ କରିବା, ସାଧନା କରିବା ତାହା ସେତିକି ପରିମାର୍ଜିତ ହୋଇପାରିବ । ■

**ଡକ୍ଟର ପ୍ରିୟଙ୍କା ମିଶ୍ର**
ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ନିର୍ଦ୍ଦେଶିକା,
'ନୃତ୍ୟନିପୁଣା'





## ରୋଜଗାର ଦେଉଛି ଓଡ଼ିଶୀ ନୃତ୍ୟ

ଓଡ଼ିଶୀ ନୃତ୍ୟର ବୈଶିଷ୍ଟ୍ୟ ହେଉଛି ଏହାର ଅଙ୍ଗଭଙ୍ଗୀ ଭିତରେ ଥିବା ଚଉକ ଏବଂ ତ୍ରିଭଙ୍ଗୀ । ଯାହା ଅନ୍ୟ ନୃତ୍ୟରେ ନାହିଁ । ଚଉକକୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହିତ ସଂଯୋଗ କରାଯାଇଥାଏ । ଓଡ଼ିଶୀ ନୃତ୍ୟ ଏକ ଶୃଙ୍ଖଳିତ ନୃତ୍ୟ । ମଙ୍ଗଳାଚରଣରୁ ଆରମ୍ଭ ହୋଇ ବଟୁ , ପଲ୍ଲବୀ, ଅଭିନୟ ଏବଂ ମୋକ୍ଷରେ ଏହା ଶେଷ ହୁଏ । ଅନ୍ୟ ନୃତ୍ୟରେ ଏହି ପରମ୍ପରା ଦେଖିବାକୁ ମିଳେ ନାହିଁ । ଓଡ଼ିଶୀ ନୃତ୍ୟ କେବଳ ଦେଶ ଭିତରେ ସୀମିତ ରହିନାହିଁ, ଏହା ପୃଥିବୀର ସବୁ ମହାଦେଶରେ ପହଞ୍ଚିପାରିଛି । ନ୍ୟୁଜିଲ୍ୟାଣ୍ଡଠାରୁ ଆରମ୍ଭ କରି ଆଫ୍ରିକା ପର୍ଯ୍ୟନ୍ତ ଓଡ଼ିଶାର ସଂସ୍କୃତି ପରମ୍ପରା ପହଞ୍ଚିବା କମ୍ କଥା ନୁହେଁ! ଓଡ଼ିଶୀ ନୃତ୍ୟକୁ ଲୋକେ ଏତେ ଭଲ ପାଉଛନ୍ତି ଯେ, ସାରା ପୃଥିବୀରୁ ଓଡ଼ିଶୀ ଶିଖିବାକୁ ଭୁବନେଶ୍ୱରକୁ ଆସୁଛନ୍ତି । ଏହି ନୃତ୍ୟ କେବଳ ଯେ କଳା ଭିତରେ ସମୀତ ତାହା ନୁହେଁ, ବରଂ ଏହା ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିପାରୁଛି । ଦିନକୁ ଦିନକୁ ଓଡ଼ିଶୀର ଲୋକପ୍ରିୟତା ଦ୍ରୁତ ଗତିରେ ବଢୁଛି । ଏହାଦ୍ୱାରା ବର୍ଷସାରା ଗୁରୁମାନେ ଓଡ଼ିଶୀ ନୃତ୍ୟ ଶିଖାଇ ସେଥିରୁ ନିଜର ଜୀବିକା ନିର୍ବାହ କରିପାରୁଛନ୍ତି । ସେହିପରି ବିଭିନ୍ନ ଅଳଙ୍କାର ବ୍ୟବସାୟୀ ଓଡ଼ିଶୀ ଗହଣା ବିକ୍ରି କରି ଲାଭବାନ ହୋଇପାରୁଛନ୍ତି । ଓଡ଼ିଶୀ ନୃତ୍ୟରେ ବ୍ୟବହୃତ ଶାଢ଼ିର ଚାହିଦା ମଧ ଅଧିକ ଥାଏ । ଶାଢ଼ି ବ୍ୟବସାୟୀମାନେ ମଧ ଲାଭବାନ ହେଉଛନ୍ତି । ଗୋଟିଏ ଶବ୍ଦରେ କହିବାକୁ ଗଲେ ଏହି ନୃତ୍ୟ ଯୋଗୁଁ ଓଡ଼ିଶାର ଗୁରୁ, ବ୍ୟବସାୟୀ, କଳାକାର ସମସ୍ତେ ଲାଭବାନ ହେଉଛନ୍ତି । ଓଡ଼ିଶୀ ନୃତ୍ୟ ବିଶ୍ୱ ଦରବାରରେ କେବଳ ସାଂସ୍କୃତିକ ପରିଚୟ ଦେଇଛି କହିଲେ ହେବନି ଓଡ଼ିଶାର ଲୋକମାନଙ୍କୁ ରୋଜଗାର ଦେଇପାରୁଛି । ଏବେ ପ୍ରାୟ ସବୁଦେଶର ଏହି ନୃତ୍ୟକୁ ଆପଣାଉଛନ୍ତି । ଓଡ଼ିଶୀ ନୃତ୍ୟ ଶିଳ୍ପୀମାନେ ନିଜ ନିଜ ଦେଶରେ ଏକ ଓଡ଼ିଶୀ ନୃତ୍ୟ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରୁଛନ୍ତି । ତେବେ ଗୋଟିଏ କଥା କହିବି ଓଡ଼ିଶୀ ନୃତ୍ୟର ଯାହା ବି ବିକାଶ ହେଉଛି, ତାହା ନୃତ୍ୟଶିଳ୍ପୀଙ୍କର ନିଜସ୍ୱ ପ୍ରଚେଷ୍ଟା । ସରକାର ଏହା ଉପରେ ଅଧିକ ଦୃଷ୍ଟି ଦେଲେ ଆଗାମୀ ଦିନରେ ଓଡ଼ିଶୀ ନୃତ୍ୟର ଭବିଷ୍ୟତ ଆହୁରି ଉଜ୍ଜ୍ୱଳ ହେବ । ■

**ଶ୍ୟାମହରି ଚକ୍ର, ଗବେଷକ,** ଓଡ଼ିଶୀ ନୃତ୍ୟ



## ଓଡ଼ିଶୀ ନୃତ୍ୟର ସ୍ଥିତି ଅତ୍ୟନ୍ତ ଉଜ୍ଜ୍ୱଳ ଏବଂ ଗତିଶୀଳ

ଓଡ଼ିଶୀ ନୃତ୍ୟ କେବଳ ଏକ ନୃତ୍ୟ ଶୈଳୀ ନୁହେଁ, ଏହା ଓଡ଼ିଶାର ଏକ ଗୌରବମୟ ସାଂସ୍କୃତିକ ପରିଚୟ । ପ୍ରାଚୀନ କଳିଙ୍ଗର ମନ୍ଦିର ଗାତ୍ରରେ ଖୋଦିତ ହୋଇଥିବା ନର୍ତ୍ତକୀମାନଙ୍କର ଅଙ୍ଗଭଙ୍ଗୀରୁ ଏହାର ଉତ୍ପତ୍ତି ହୋଇଛି, ଯାହା ମୁଖ୍ୟତଃ ମାହାରୀ ଓ ଗୋଟିପୁଅ ପରମ୍ପରା ଦ୍ୱାରା ପରିପୁଷ୍ଟ ହୋଇଛି । ବର୍ତ୍ତମାନ ଓଡ଼ିଶୀ ନୃତ୍ୟର ସ୍ଥିତି ଅତ୍ୟନ୍ତ ଉଜ୍ଜ୍ୱଳ ଏବଂ ଗତିଶୀଳ । ଓଡ଼ିଶୀ କେବଳ ଭାରତରେ ସୀମିତ ନାହିଁ; ଏହା ବିଶ୍ୱର ବିଭିନ୍ନ ଦେଶରେ ଆଦୃତ ହେବା ସହ ଅନେକ ବିଦେଶୀ ନୃତ୍ୟଶିଳ୍ପୀ ଏହାକୁ ଶିକ୍ଷା କରି ପ୍ରଚାର ପ୍ରସାର କରୁଛନ୍ତି । ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ ଭଳି କାର୍ଯ୍ୟକ୍ରମ ଏହାକୁ ଆହୁରି ଲୋକପ୍ରିୟ କରାଇଛି । ଅନେକ ବିଶ୍ୱବିଦ୍ୟାଳୟ ଓ କଳା ଅନୁଷ୍ଠାନରେ ଓଡ଼ିଶୀକୁ ଶିକ୍ଷା ଦିଆଯାଉଛି । ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ତଥା ଅନେକ ବେସରକାରୀ ସଂସ୍ଥା ନୂତନ ପିଢ଼ିର ନୃତ୍ୟଶିଳ୍ପୀ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି । ଓଡ଼ିଶୀ ନୃତ୍ୟର ଭବିଷ୍ୟତ ଅତ୍ୟନ୍ତ ଆଶାପ୍ରଦ । ନୃତ୍ୟର ପ୍ରାଚୀନ ଶାସ୍ତ୍ରୀୟ ରୂପକୁ ସଂରକ୍ଷିତ ରଖିବା ସହ ନୂତନ ବିଷୟବସ୍ତୁ ଏବଂ ଶୈଳୀର ସଂଯୋଗ ଦ୍ୱାରା ଏହାର ମାର୍ଜନା କରିବା ଜରୁରି । ଏହାଦ୍ୱାରା ନୃତ୍ୟ ନୂତନ ପିଢ଼ି ପାଇଁ ଆହୁରି ଆକର୍ଷଣୀୟ ହେବ । ଓଡ଼ିଶୀ ନୃତ୍ୟ ବର୍ତ୍ତମାନ ଏକ ସନ୍ଧିକ୍ଷଣରେ ଅଛି । ଗୋଟିଏ ପଟେ ଏହା ବିଶ୍ୱ ଦରବାରରେ ସ୍ଥାନ ପାଇଛି, ଅନ୍ୟ ପଟେ ଏହାର ମୂଳ ପରମ୍ପରାକୁ ବଜାୟ ରଖିବା ଏବଂ ଗବେଷଣାକୁ ପ୍ରୋତ୍ସାହିତ କରିବା ଏକ ବଡ଼ ଦାୟିତ୍ୱ । ଯଦି ସରକାରୀ ଓ ବେସରକାରୀସ୍ତରରେ ଉପଯୁକ୍ତ ସହଯୋଗ ଓ ସଚେତନତା ଜାରି ରହେ, ତେବେ ଓଡ଼ିଶୀ ନୃତ୍ୟର ଭବିଷ୍ୟତ ନିଶ୍ଚିତ ଭାବରେ ଉଜ୍ଜ୍ୱଳ ଏବଂ ସୁରକ୍ଷିତ । ■

**ଡା. ଅଙ୍କିତା ରଥ**
ଓଡ଼ିଶୀ ନୃତ୍ୟ ଶିଳ୍ପୀ, ପ୍ରତିଷ୍ଠାତା 'ନୃତ୍ୟଙ୍କିତା'



# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## ହାତ ପାର୍ଟିକୁ (ବି)ଭୀଷଣ ପୀଡ଼ା

ବିହାର ନିର୍ବାଚନରେ ସବୁ ପ୍ରୟାସ ସତ୍ତ୍ୱେ ହାତ ପାର୍ଟି ଦୁଇ ଅଙ୍କ ବି ଛୁଇଁବାକୁ ବିଫଳ ହୋଇଛି । ଯାହାକୁ ନେଇ ସାରା ଦେଶରେ ହାତ ପାର୍ଟିର୍ର ନେତା ଓ କର୍ମୀ ବିମର୍ଷ । ମାତ୍ର ନୂଆପଡ଼ା ଉପନିର୍ବାଚନରେ ପରାଜୟ ରାଜ୍ୟ ହାତପାର୍ଟି ମୁଖିଆଙ୍କୁ ଦେଇଛି (ବି)ଭୀଷଣ ପୀଡ଼ା । ନୂଆପଡ଼ାରେ ହାତ ପାର୍ଟିର ବିଭୀଷଣମାନଙ୍କ ଅନ୍ତର୍ଘାତୀ କାର୍ଯ୍ୟ ଯୋଗୁଁ କୁଆଡ଼େ ହାତ ଦଳୀୟ ପ୍ରାର୍ଥୀ ଘାସିରାମ ମାଝୀ ପରାଜିତ ହୋଇଛନ୍ତି ବୋଲି କୁହାଯାଉଛି । ଏପରିକି ଖୋଦ ମାଷ୍ଟରକ୍ୟାଣ୍ଟିନ ମଠ ମହନ୍ତ ଭକ୍ତଚରଣ ଦାସ ବିଭୀଷଣମାନଙ୍କୁ ଖୋଜିଖୋଜି ଦଣ୍ଡ ଦିଆଯିବ ବୋଲି କରିଥିବା ଘୋଷଣା ରାଜନୈତିକ ଝଡ଼ ସୃଷ୍ଟି କରିଛି । ବିଭୀଷଣ ପ୍ରସଙ୍ଗରେ ପଦ୍ମ ସରକାର ମୁଖିଆ ମୋହନ ପରୋକ୍ଷରେ ଭକ୍ତଙ୍କୁ କଟାକ୍ଷ କରିଥିବାବେଳେ ନିଜ ଦଳର ରାଜ୍ୟ ମୁଖିଆ ଭକ୍ତଙ୍କୁ ଚିଠି ବାଣ ମାରିଛନ୍ତି ହାତ ନେତା କଟକୀ ମୋକିମ୍ । ଭକ୍ତଚରଣ ବିଭୀଷଣ ଶବ୍ଦ ପ୍ରୟୋଗ କରି ନିଜ ଦଳର ନେତାମାନଙ୍କୁ ଉପହସିତ କରିଥିବା ଅଭିଯୋଗ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ହେଲେ ନୂଆପଡ଼ା ଉପନିର୍ବାଚନରେ ହାତ ପାର୍ଟି ପ୍ରାର୍ଥୀ ଘାସିରାମଙ୍କ ପ୍ରଚାର ନିମନ୍ତେ ଯିବାକୁ ହେଲେ ଶୃଙ୍ଖଳା କମିଟି ଅଧ୍ୟକ୍ଷଙ୍କଠାରୁ ଅନୁମତି ନେବାକୁ ପଡ଼ିବ ବୋଲି ଜାରି ହୋଇଥିବା ନିର୍ଦ୍ଦେଶନାମାଟି କାହା ଇଙ୍ଗିତରେ କରାଯାଇଥିଲା, ସେ ସମ୍ପର୍କରେ ସମସ୍ତେ ନିରବ । ନୂଆପଡ଼ା ପରାଜୟ ପରେ ଏହି ପ୍ରସଙ୍ଗକୁ ନେଇ ଦଳର ଅଧିକାଂଶ ନେତା ଭକ୍ତଙ୍କ ଉପରେ ଖଡ଼୍ଗହସ୍ତ । ଗଲା ନିର୍ବାଚନରେ ନୂଆପଡ଼ାରେ ସ୍ୱାଧୀନ ପ୍ରାର୍ଥୀ ଘାସିରାମ ୧୧ ହଜାର ଭୋଟରେ ପରାଜିତ ହୋଇଥିଲେ; ଏଥର ହାତ ପାର୍ଟି ପ୍ରାର୍ଥୀ ଭାବରେ ତାଙ୍କର ପରାଜୟର ବ୍ୟବଧାନ ଥିଲା ୮୩ ହଜାର । ହାତ ପାର୍ଟି ପାଇଁ ଯାଠାରୁ ଆଉ ଅଧିକ ପୀଡ଼ାଦାୟକ କଥା ଆଉ କ'ଣ ହୋଇପାରେ ? ■




## ଆପଣା ବସନ ଅନ୍ୟକୁ ଦେଇ..

ନୂଆପଡ଼ା ଉପନିର୍ବାଚନ ସରିଲା । ଜୟ-ବିଜୟ- ପରାଜୟକୁ ନେଇ ଗଣମାଧ୍ୟମରେ ଯାବତୀୟ ବ୍ୟବଚ୍ଛେଦ ହେଲା । ରାଜେନ୍ଦ୍ର ଢ଼ୋଲକିଆଙ୍କ (ସ୍ବ) ପୁତ୍ର ଜୟ ବିପୁଳ ଭୋଟରେ ବିଜୟୀ ହୋଇ ବିଧାନସଭାରେ ପ୍ରବେଶ କଲେ । ବିଜୟ ପରେ ଜୟଙ୍କ ବାସଭବନରେ ଗହଳିଚହଳି ଲାଗି ରହିଥିବାବେଳେ ନୂଆପଡ଼ା ପଦ୍ମ ଶିବିରର ପୁରୁଖା ଓ ପୁରୁଣା ନେତା ବସନ୍ତଙ୍କ ବାସଭବନ ଏବେ ଶୂନଶାନ । ସିଦ୍ଧାନ୍ତରେ ବିଶ୍ୱାସ କରୁଥିବା ଦଳର ଶୃଙ୍ଖଳିତ କର୍ମୀ ପଣ୍ଡା ପିତାପୁତ୍ର ବସନ୍ତ ଓ ଅଭିନନ୍ଦନ ସବୁ ରାଜନୈତିକ ବୈରତାକୁ ପାଶୋରି ପଦ୍ମ ଦଳର ପ୍ରାର୍ଥୀ ଜୟ ଢ଼ୋଲକିଆଙ୍କ ପାଇଁ ଉପନିର୍ବାଚନରେ କାମ କଲେ । ମାତ୍ର ଯା' ପରେ ବସନ୍ତ ଓ ତାଙ୍କ ପୁଅଙ୍କ ରାଜନୈତିକ ଭବିଷ୍ୟତ କ'ଣ ହେବ ତାହାର ଉତ୍ତର କାହାରି ପାଖରେ ନାହିଁ । ଆଉ ଛଅ ମାସ ପରେ ହେବାକୁଥିବା ରାଜ୍ୟସଭା ନିର୍ବାଚନରେ ଦଳ ପ୍ରତିଶ୍ରୁତି ମୁତାବକ ବସନ୍ତଙ୍କୁ କ'ଣ ରାଜ୍ୟସଭାକୁ ପଠାଇବ ? ପ୍ରମୁଖ ଦାବିଦାର ହୋଇଥିବା ସତ୍ତ୍ୱେ ଉପନିର୍ବାଚନରେ ଦଳୀୟ ଟିକଟରୁ ବଞ୍ଚିତ ଅଭିନନ୍ଦନଙ୍କୁ କ'ଣ ନିଗମ ନିଯୁକ୍ତି ମିଳିବ ? ୨୦୨୯ ରେ ନୂଆପଡ଼ାରେ ପଦ୍ମ ଦଳରୁ କିଏ ପ୍ରତିଦ୍ୱନ୍ଦ୍ୱିତା କରିବେ ? ବସନ୍ତ, ଅଭିନନ୍ଦନ, ତାଙ୍କ ସମର୍ଥକଙ୍କ ପରି ଆମେ ମଧ୍ୟ ଏହାର ଉତ୍ତର ଜାଣିନାହୁଁ । ଦଳର ଅନ୍ୟ ବଡ଼ ନେତାଙ୍କ ପାଖରେ ଏହାର ଉତ୍ତର ଅଛି କି ନାହିଁ ତାହା ବି ସନ୍ଦେହରେ । ହେଲେ ୨୦୨୪ ନିର୍ବାଚନରେ ଟିକଟରୁ ବଞ୍ଚିତ ହୋଇଥିବା ଅଧ ପଣେ ପଦ୍ମ ଦଳର ମୂଳ ଓ ଆମଦାନୀ ନେତା ଯେପରି ନିଜ ଥଇଥାନ ଓ ପରିଚୟ ପାଇଁ କରୁଥିବା ସଂଗ୍ରାମରୁ ବସନ୍ତ ଓ ଅଭିନନ୍ଦନ ଯେ କିଛି ବୁଝି ପାରିଲେ ନାହିଁ; ତାହା ଅନେକଙ୍କୁ ବିସ୍ମିତ କରିଛି । ଆମ ଓଡ଼ିଆରେ ପ୍ରଚଳିତ 'ଆପଣା ବସନ ଅନ୍ୟକୁ ଦେଇ, ଶିବ ପଳାଇଲେ ଲଙ୍ଗଳା ହୋଇ' ପରି ବସନ୍ତଙ୍କ ଅବସ୍ଥା ସେପରି ହେବ ନାହିଁ ତ ? ■



## ମନ-ମୋହନଙ୍କ ନୟନପିତୁଳା

ଗଲା ଦେଢ଼ ବର୍ଷ ହେଲା ରାଜ୍ୟରେ ସର୍ବାଧିକ ଚର୍ଚ୍ଚାରେ ଥିବା ବିଧାୟକମାନଙ୍କର ଯଦି ଏକ ନିରପେକ୍ଷ ତାଲିକା ଯଦି ପ୍ରସ୍ତୁତ କରାଯାଏ, ସେଥିରେ ଶୀର୍ଷରେ ରହିବେ ଧର୍ମଶାଳାର ସ୍ୱାଧୀନ ବିଧାୟକ ହିମାଂଶୁ ଓରଫ୍ ଲିକୁ ସାହୁ । ହିମାଂଶୁ ଯୁବକ ଲୋକ, ଧର୍ମଶାଳାରେ ଟାଣ ସଙ୍ଗଠନ ତାଙ୍କୁ ଯେତିକି ପ୍ରସିଦ୍ଧି କରିଛି; ପଦ୍ମ ଦଳ ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟ ତାଙ୍କୁ ଉଭୟ ରାଜ୍ୟ ମୁଖିଆ ମୋହନ ଓ ପଦ୍ମ ମୁଖିଆ ମନମୋହନଙ୍କ ନିକଟତର କରିଥିବା ଚର୍ଚ୍ଚା ହେଉଛି । ନୂଆପଡ଼ା ଉପନିର୍ବାଚନରେ ଦଳର ଅନେକ ବିଧାୟକ ସେଠାରେ ପ୍ରଚାର କାର୍ଯ୍ୟରେ ଲାଗିଥିଲେ; ମାତ୍ର ଦଳୀୟ ବିଧାୟକ ହୋଇ ନ ଥିବା ସତ୍ତ୍ୱେ ପଦ୍ମ ଦଳ ପାଇଁ ସବୁଠାରୁ ପ୍ରଭାବୀ କାର୍ଯ୍ୟ କରିଥିଲେ ହିମାଂଶୁ । ପୂର୍ବରୁ ଜୟ ଢ଼ୋଲକିଆଙ୍କୁ ବିଜେପିରେ ସାମିଲ କରିବାରେ ତାଙ୍କର ବଡ଼ ଭୂମିକା ଥିବା କଥା ଚର୍ଚ୍ଚା ହେଉଥିଲା, ଆଉ ଜୟଙ୍କ ବିଜୟରେ ତାଙ୍କର ବଡ଼ ଭୂମିକା ଥିବା ଖୋଦ ବିଜେପି ନେତାମାନେ ସ୍ୱୀକାର କରିଛନ୍ତି । କୋମନା ବ୍ଲକ୍‌ରେ ପଦ୍ମ ଦଳର ସ୍ଥିତି ସେତେ ଭଲ ନ ଥିଲା, ମାତ୍ର ଉଭୟ ମୋହନ-ମନମୋହନ ତାଙ୍କ ଉପରେ ରଖିଥିବା ଭରସାକୁ ଶତକଡ଼ା ଭାଗ ପ୍ରମାଣ କରି ଦେଖାଇଛନ୍ତି ହିମାଂଶୁ । ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କ ସମାବେଶରେ ଏହାକୁ ଖୋଦ୍ ରାଜ୍ୟ ପଦ୍ମ ମୁଖିଆ ମନମୋହନ ସାମଲ ବି ମାନିଥିବା ଦେଖାଯାଇଛି । ଯାହାକୁ ନେଇ ହିମାଂଶୁ ଓ ତାଙ୍କ ସମର୍ଥକ ଏବେ ଆଶ୍ୱସ୍ତ । ଗତ ନିର୍ବାଚନ ସମୟରେ ଧର୍ମଶାଳାରେ ପଦ୍ମ ଟିକଟ ପାଇଁ ପ୍ରଥମ ଦାବିଦାର ଥିଲେ ବି ହିମାଂଶୁଙ୍କୁ ଦଳ ଟିକଟ ଦେଲା ନାହିଁ । ମାତ୍ର ହିମାଂଶୁ ସ୍ୱାଧୀନ ଲଢ଼ି ଜିତିଲେ ଓ ନୂଆପଡ଼ା ଲଢ଼େଇରେ ଦଳ ପ୍ରତି ଅକୁଣ୍ଠିତ ଭାବରେ କାର୍ଯ୍ୟକଲେ । ସେଇଥିପାଇଁ ତ ସେ ନୟନପିତୁଳା... । ■



## କଂସାରୀ ଘରର ପାରା

ରାଜ୍ୟ ସ୍କୁଲ ପାଠଶାଠ ମନ୍ତ୍ରୀ ବାବୁ ନିତ୍ୟାନନ୍ଦ ଗଣ୍ଡ ବଡ଼ ସାଧାରଣ ଲୋକ ବୋଲି ତାଙ୍କ ଅଞ୍ଚଳର ଲୋକମାନେ କହନ୍ତି । ସେ କୌଣସି ବଙ୍କାତେଢ଼ା କଥା କହନ୍ତି ନାହିଁ ଓ ଯାହା ବି କହନ୍ତି ସବୁ ସିଧାସିଧା । ନିଜ ବିଭାଗର ଅଫିସର ଓ କର୍ମଚାରୀଙ୍କୁ ସେ କଦାପି କଡ଼ା ଭାଷା ପ୍ରୟୋଗ କରିଥିବା ବି କେହି ଦେଖି ନ ଥିବେ । ଏହା ସତ୍ତ୍ୱେ କରିବା ପାଇଁ ତାଙ୍କ ବିଭାଗର ଅଫିସର କୁଆଡ଼େ ରୀତିମତ ଲାଗି ପଡ଼ିଛନ୍ତି ବୋଲି ଲୋକସେବା ଭବନ ପାଚେରୀ ପାଖ ଚା' ଦୋକାନରେ ଭାରି ଚର୍ଚ୍ଚା । ଶୁଣିବା କଥା ହେଲା ସ୍କୁଲ ପିଲାମାନଙ୍କୁ ଜୁଲାଇ ୧୫ ସୁଦ୍ଧା ୟୁନିଫର୍ମ ବାଣ୍ଟିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଏହି ଅବଧି ମଧ୍ୟରେ ପୋଷାକ ବଣ୍ଟନ ହୋଇ ପାରିଲା ନାହିଁ, ତେଣୁ ଅଗଷ୍ଟ ୧୫କୁ କଣ୍ଟ ଗଡ଼ିଲା । କୁହାଗଲା ଯେ ଅଗଷ୍ଟ ୧୫ ପୂର୍ବରୁ ୟୁନିଫର୍ମ ଦିଆଯିବ ଓ ପିଲାମାନେ ନୂଆ ପୋଷାକ ପିନ୍ଧି ସ୍କୁଲରେ ସ୍ୱାଧୀନତା ଦିବସ ପାଳିବେ । ମାତ୍ର ସ୍ୱାଧୀନତା ଦିବସ ଯିବାର ଯା ଭିତରେ ୩ ମାସ ବିତିଗଲାଣି, ତଥାପି ଅନେକ ସ୍କୁଲର ପିଲା ଏାଏ ୟୁନିଫର୍ମ ପାଇ ନାହାନ୍ତି । ତଳସ୍ତରରେ ପଣି କାରବାର ଛିଦ୍ରୁ ନ ଥିବାରୁ ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ କିଣା ଯାଇ ପାରୁନାହିଁ ବୋଲି ଶୁଣିବାକୁ ମିଳୁଛି । କାହିଁକି ପିଲାମାନଙ୍କୁ ୟୁନିଫର୍ମ ମିଳିନାହିଁ ବୋଲି ମନ୍ତ୍ରୀ ପ୍ରଶ୍ନ କଲେ ବାବୁମାନେ ବାସ୍ତବ କଥାକୁ ଲୁଚାଇ ପୋଷାକ ପ୍ରସ୍ତୁତ କରୁଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ଉପରେ ଦୋଷ ଢ଼ାଳି ଦେଉଛନ୍ତି । ସେମାନେ ପୋଷାକ ଦେବାରେ ବିଳମ୍ବ ହେଉଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି ବୋଲି ମନ୍ତ୍ରୀଙ୍କୁ କହୁଛନ୍ତି । ଯାହାକୁ ନେଇ ରାଗି ପାଚି ଲାଲ ନିତ୍ୟାନନ୍ଦ ବାବୁମାନଙ୍କୁ ପରିଣତି ଭୋଗିବାକୁ ପ୍ରସ୍ତୁତ ରହିବାକୁ ଚେତାବନୀ ଶୁଣାଇଛନ୍ତି । ହେଲେ ଗଣଶିକ୍ଷା ବିଭାଗର ବାବୁମାନେ ତ କଂସାରୀ ଘରର ପାରା, ନିତ୍ୟାନନ୍ଦଙ୍କ ଧମକରେ ସେମାନେ କ'ଣ ସହଜରେ ଡ଼ରିବେ ? ■